# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

## ୯ ବିଧାୟକ; ୯ ଅଙ୍କ

## ଦେଖ ଆଗକୁ କ'ଣ ହଉଛି !

## ପୁଣି ମମତା-ଶୁଭେନ୍ଦୁ ଲଢ଼େଇ

## ବବି ଦାସ ପାଇଲେ କ'ଣ ?

## ସୂରଜଙ୍କ କଥା ପାଣିର ଗାର !

## ସୁଲତା ଦେଓଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-18 23 MARCH - 29 MARCH 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୮ ୨୩ ମାର୍ଚ୍ଚ - ୨୯ ମାର୍ଚ୍ଚ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର






# ବେଇମାନ୍ କିଏ ?

**ରାଜନୀତିରେ 'ବେଇମାନି'କୁ କୂଟନୀତି ହିଁ କୁହନ୍ତି । ଏବେ ବିଜେଡ଼ି ବିଧାୟକ କ୍ରସ ଭୋଟିଂ କଲେ ବୋଲି ଦଳ କହୁଛି ବେଇମାନ୍ । ୨୦୧୦ରେ ଯେତେବେଳେ ବିଜେଡ଼ି ସପକ୍ଷରେ କଂଗ୍ରେସ ଆଉ ବିଜେପି ବିଧାୟକ କ୍ରସଭୋଟିଂ କରିଥିଲେ !!!**

ଦଳ ବିରୋଧୀ କାମ କରୁଥିବା ଓ ଦଳକୁ ଭାଙ୍ଗୁଥିବା ନେତାଙ୍କୁ ଆଜିକାଲି ବେଇମାନ୍ ବୋଲି କୁହାଯାଉଛି । ଯଦି ସେମାନେ ବେଇମାନ୍ ତାହେଲେ ସେହି ତାଲିକାରେ ଅନେକ ବଡ଼ ବଡ଼ ନେତାଙ୍କ ନାମ ଯୋଡ଼ି ହୋଇଯିବ । ଓଡ଼ିଶା ରାଜନୀତିକୁ ଟିକେ ନିରେଖି ଦେଖିଲେ ହରେକୃଷ୍ଣ ମହତାବ (ଓଡ଼ିଶା ଜନ କଂଗ୍ରେସ), ବିଜୁ ପଟ୍ଟନାୟକ (ଉତ୍କଳ କଂଗ୍ରେସ), ନନ୍ଦିନୀ ଶତପଥି (ଜାଗ୍ରତ ଓଡ଼ିଶା) ଦଳ ଗଠନ କରିଥିଲେ । ସେମାନଙ୍କୁ କଂଗ୍ରେସ କ'ଣ ନଦେଇଥିଲା ? ସେମାନଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିଥିଲା, ଜାତୀୟସ୍ତରରେ ସ୍ୱୀକୃତି ବି ଦେଇଥିଲା । ସେମାନେ କିନ୍ତୁ କଂଗ୍ରେସ ଛାଡ଼ି କଂଗ୍ରେସ ବିରୋଧରେ ନୂଆ ଦଳ ଗଢ଼ିଥିଲେ । କଂଗ୍ରେସକୁ ହରାଇବା ପାଇଁ ସଂକଳ୍ପ ନେଇଥିଲେ ।

ଏଇକଥା କହିଲେ କେତେକ କହିବେ ବିଜୁବାବୁ, ମହତାବ ବାବୁ ବେଇମାନ୍ ନଥିଲେ । ସେମାନଙ୍କୁ କଂଗ୍ରେସ ଆଉ ଗୁରୁତ୍ୱ ଦେଲାନି କି ପଚାରିଲାନି ବୋଲି ସେମାନେ ନୂଆ ଦଳ ଗଢ଼ିବାକୁ ବାଧ ହୋଇଥିଲେ । ବିଜୁଙ୍କ କଥା କହିଲେ ତ ସାଙ୍ଗେସାଙ୍ଗେ ଛଅ ନମ୍ବର ଛକ ପଟୁ ଶଙ୍ଖ କିଳାଗୁଡ଼ା ମାଡ଼ିଆସିବ । ଆଉ ମହତାବଙ୍କ କଥା କହିଲେ, ଜୟଦେବ ଭବନ ପାଖରେ ସୁରବାବୁ ଚୋପା ଛଡ଼ାଇଦେବେ । ହଉ ଛାଡ଼ନ୍ତୁ, ଆଜ୍ଞା ପୁରୁଣା କଥାକୁ ବେଶୀ ନଉଖାରିଲେ ଭଲ ।

ଏବେ ଆସିବା ବିଜୁ ଜନତା ଦଳ ଆଡ଼କୁ । ୧୯୯୭ ଡିସେମ୍ବର ୨୬ରେ ଦଳ ଗଢ଼ା ହେଲା । ମୂଳ ଜନତା ଦଳକୁ ଭାଙ୍ଗି ବିଜେଡ଼ି ଗଢ଼ାହେବା କଥା ସମସ୍ତେ ଜାଣନ୍ତି । ଜନତା ଦଳ ଏକ ଜାତୀୟ ପାର୍ଟି । ଚକ୍ର ଚିହ୍ନରେ ଜିଣିଥିବା ବିଧାୟକମାନେ ଶଙ୍ଖ ଚିହ୍ନକୁ ବଦଳିଗଲେ । ଏହା କ'ଣ ଜନତା ଦଳ ପ୍ରତି ଧୋକ୍କା କି ବେଇମାନି ନଥିଲା କି ? ସେହିପରି ନବୀନ ବାବୁ ଜନତା ଦଳର ସାଂସଦ ଥାଇ ବିଜେଡ଼ି ଗଢ଼ିବାକୁ ମିଟିଂ କରିବା ଜନତା ଦଳ ପ୍ରତି ବେଇମାନି କି ନୁହେଁ ।

ଆଜ୍ଞା ଏତେ କଥା ଗପିବାର କାରଣ ହେଉଛି, ରାଜନୀତିରେ 'ବେଇମାନି'କୁ କୂଟନୀତି ହିଁ କୁହନ୍ତି । ଏବେ ବିଜେଡ଼ି ବିଧାୟକ କ୍ରସ ଭୋଟିଂ କଲେ ବୋଲି ଦଳ କହୁଛି ବେଇମାନ୍ । ୨୦୧୦ରେ ଯେତେବେଳେ ବିଜେଡ଼ି ସପକ୍ଷରେ କଂଗ୍ରେସ ଆଉ ବିଜେପି ବିଧାୟକ କ୍ରସଭୋଟିଂ କରିଥିଲେ ? ସେତେବେଳେ କିଏ ବେଇମାନ୍ ଥିଲେ ?

ଛାଡ଼ନ୍ତୁ, କହିଲେ କହିବେ କହୁଛି । କିନ୍ତୁ ବିଧାୟକ ଓ ନେତାଙ୍କୁ ଅନୁରୋଧ । ଦଳ କି ଦଳର ନେତାଙ୍କ ସହ ବେଇମାନି କଲେ ଚଳିବ । କିଛି କ୍ଷତି ହେବନି । ହେଲେ ଲୋକଙ୍କ ସହ ବେଇମାନି କଲେ ଚାରି ପାଞ୍ଚିରୁ ଯିବ । ଏକଥା ହେଜିଲେ ଭଲ ।




## ବାବା ଅବ୍‌ଜର୍ଭାନନ୍ଦ

ଆଜିକାଲି କଣ ଉଠିଲାଣି ପୁଣି
ବିଜୁ ଲିଗାସିର କଥା,
ନିହାତି ସ୍ୱର୍ଗରେ ବିଜୁ ବାବୁଙ୍କର
ଘୂରେଇ ଦେବଣି ମଥା ।

ତାଙ୍କ ନାଁ ନେଇ ହୋଇଥିଲା ପରା
ଏତେ ବଡ଼ ଗୋଟେ ଦଳ,
ରାଇଜବାସୀଙ୍କୁ ଦେଖେଇଲେ ଖାଲି
ତାଙ୍କ ସ୍ୱପ୍ନ ମାଳମାଳ ।

ସରଳ ଓଡ଼ିଆ ବିଜୁ ନାମ ଶୁଣି
ଅଜାଡ଼ିଲେ ସମର୍ଥନ,
ଅଗା ବଗା ଖଗା ଜିତିଗଲେ ଏଠି
ସହଜରେ ନିର୍ବାଚନ ।

କିଛି ଦିନ ପରେ କେଜାଣି କାହିଁକି
ଏମିତି କଲେ ନବୀନ,
କିଏ ବୁଦ୍ଧି ଦେଲା ଝଡ଼ ଇଗଲର
ରହିଲାନି ଚିହ୍ନବର୍ଣ୍ଣ ।

ବିଜୁଙ୍କର ଏବେ ପ୍ରକୃତ ଦାୟାଦ
କିଏ ବୋଲି ଲାଗେ କଳି,
ଓଡ଼ିଆ ଅସ୍ମିତା, ଓଡ଼ିଶା ବିକାଶ
ପଡୁଛି ଏଥିରେ ବଳି ।


ଥରେ ଆସି ଦେଖ ବିଜୁ ହେ ତୁମକୁ
କଲେଣି କେତେ ଯେ ଫାଳ,
ମୂରୁଖ ଜନତା ଜାଣିପାରୁନାହୁଁ
କମ୍ବଳ ସାରା ତ ବାଳ ।



# ବିଜୁଙ୍କ ସାର୍ଟ ଚିରିଦେଲେ

୧୯୫୮ ମସିହାର କଥା । ଡକ୍ଟର ମହତାବଙ୍କ ସରକାରରେ ଉପମନ୍ତ୍ରୀ ଥିଲେ ଅନୁପ ସିଂହଦେଓ । ହଠାତ୍ ସେ ଅନ୍ତର୍ଦ୍ଧାନ ହୋଇଗଲେ । ତାଙ୍କୁ ଗାଙ୍ଗପୁର ରାଜା ଉଦିତ କେଶରୀ ଦେଓ ଅପହରଣ କରି ତାଙ୍କ ସରକାରୀ କ୍ୱାର୍ଟରରେ ରଖିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଗଲା । ଏକଥା କାନରେ ପଡ଼ିବା ପରେ ବିଜୁବାବୁ ଏକାଏକା ଗାଙ୍ଗପୁର ରାଜାଙ୍କ କ୍ୱାର୍ଟର ଆଡ଼େ ମାଡ଼ିଗଲେ । ସେଠାରେ କଳାହାଣ୍ଡି ମହାରାଜା, ଗାଙ୍ଗପୁର ରାଜା, ଗଣତନ୍ତ୍ର ପରିଷଦର ସଭାପତି ରାମପ୍ରସାଦ ମିଶ୍ର ଓ ଅନ୍ୟ ନେତାମାନେ ବସିଥିଲେ । ଅନୁପ ସିଂହଦେଓଙ୍କୁ ଗୋଟିଏ ଘରେ ରଖାଯାଇଥିଲା । ଅନୁପ କୁଆଡ଼େ ଗଲା ବୋଲି ସେ ପଚାରିବାରୁ ସେମାନେ କହିଲେ ଏଠି କେହି ନାହାନ୍ତି । କିନ୍ତୁ ବିଜୁବାବୁ କେଉଁ ଛାଡ଼ିବା ଲୋକ । ଘର ସାରା ବୁଲିବୁଲି ସେ ଗୋଟିଏ ଘର ଭିତରୁ ଅନୁପଙ୍କୁ ଘୋଷାରି ଆଣିଥିଲେ । ଏକଥା ଦେଖି ରାଜାଙ୍କ ଲୋକମାନେ ବିଜୁବାବୁଙ୍କ ଉପରେ ଆକ୍ରମଣ କରି ସାର୍ଟ ଚିରି ଦେଇଥିଲେ । କଳାହାଣ୍ଡି ମହାରାଜା ଉପର ମହଲାରୁ ବନ୍ଧୁକ ଆଣିବା ପାଇଁ ପଳାଇ ଯାଇଥିଲେ । ସେ ତଳକୁ ଆସିବା ବେଳକୁ ବିଜୁବାବୁ ସେଠାରୁ ପଳାଇ ଯାଇଥିଲେ । ବିଜୁଙ୍କ ଏହି ହୁଣ୍ଡାମୀ କାମ ଦେଇଥିଲା । ଅନୁପ ସିଂହଦେଓଙ୍କ ସମେତ ମୋହନ ନାୟକ ଓ ଘାସିରାମ ମାଝୀ ପ୍ରମୁଖ ପୁଣି କଂଗ୍ରେସକୁ ଫେରି ଆସିଥିଲେ । କଂଗ୍ରେସ ଆଉ ଗଣତନ୍ତ୍ର ପରିଷଦ ଭିତରେ ଛକାପଞ୍ଝା ବନ୍ଦ କରି ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବା ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା । ଗଣତନ୍ତ୍ର ପରିଷଦର କେତେକ ନେତାଙ୍କ ଅନିଚ୍ଛା ସତ୍ତ୍ୱେ ୧୯୫୯ ମେ' ୨୨ରେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।



# ୯ ବିଧାୟକ ୯ ଅଙ୍କ

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

ରାଜ୍ୟସଭା ନିର୍ବାଚନ ରାଜ୍ୟ ରାଜନୀତିକୁ ଦେଇଛି ନୂଆ ଦିଶା । ଚବିଶ ବର୍ଷ ପରେ ନବୀନଙ୍କୁ ଲାଗିଛି 'ଦିଲ୍ଲୀପ' ଦଶା । ଡବଲ ଥୋପ ଗିଳି ବିଜେଡ଼ି ବିଧାୟକ ନବୀନଙ୍କ ବିରୋଧରେ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ୍ । ବିଜେଡ଼ିରୁ ପଘା ଛିଣ୍ଡାଇ ବାହାରି ଆସିଥିବା ନେତାମାନେ ଏବେ ପଦ୍ମ ପୋଖରୀରେ ପାଣି ପିଇବା ଆରମ୍ଭ କରିଦେଇଛନ୍ତି । ସେପଟେ ପଦ୍ମପୋଖରୀ ଆଡ଼କୁ ବିଜେଡ଼ି ନେତାମାନେ ମାଡ଼ି ଆସିଥିବାରୁ ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି ସ୍ଥାନୀୟ ବିଜେପି ଟିକେଟ୍ ଆଶାୟୀ । ଅବଶ୍ୟ କଂଗ୍ରେସ ବିଧାୟକମାନଙ୍କ କଥା ଏଯାଏଁ ସ୍ପଷ୍ଟ ହୋଇନି । 'ଘୋଡ଼ା' ସାଜିଥିବା ୯ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ କି ସମୀକରଣ ସୃଷ୍ଟିହୋଇଛି, ତାହାକୁ ନେଇ ଆମର ଉପସ୍ଥାପନା ।

## ଦେବୀ 'ଫୁଲ', ଦେବାଶିଷ ଶଙ୍କ

**ବାଙ୍କୀ ଅଙ୍କ**





୧୯୯୫ରୁ ୨୦୨୪ ଯାଏଁ ବାଙ୍କୀରେ ପ୍ରଭାତ ତ୍ରିପାଠୀଙ୍କ ଦବଦବା ଜାରିରହିଛି । ୨୦୦୪କୁ ଛାଡ଼ିଦେଲେ ବାକି ସବୁ ନିର୍ବାଚନରେ ପ୍ରଭାତ ନଚେତ୍ ତାଙ୍କ ପୁଅ ଦେବୀ ହିଁ ବାଙ୍କୀ ବିଧାୟକ ହୋଇଛନ୍ତି । ଜନତା ଦଳ ଓ ବିଜୁ ଜନତା ଦଳରୁ ତ୍ରିପାଠୀ ବାପପୁଅ ବାଜିମାତ୍ କରିଥିବାବେଳେ ଆଗକୁ ସେମାନେ ବିଜେପିରୁ ହିଁ ଲଢ଼ିବାକୁ ଯୋଜନା କରିଛନ୍ତି । ଅପରପକ୍ଷରେ ଦେବୀ ବିଜେଡ଼ିକୁ ମୁହଁମୋଡ଼ି ଦେଇଥିବାରୁ ସେଠାରେ ଦେବାଶିଷ ପଟ୍ଟନାୟକଙ୍କୁ ଶଙ୍ଖ ଧରାଇବାକୁ ବିଜେଡ଼ି ଯୋଜନା କରିଛି । ସେପଟେ ବିଜେପିର ଦୁଇ ଟାଣୁଆ ନେତାଙ୍କ ମନରେ ଛନକା ପଶିଯାଇଛି । ୨୦୧୯ ରେ ସେଠାରୁ ବିଜେପି ଟିକେଟରେ ଶୁଭ୍ରାଂଶୁ ମୋହନ ପାଢ଼ୀ ଲଢ଼ିଥିବାବେଳେ ୨୦୨୪ରେ ଲଢ଼ିଥିଲେ ତୁଷାରକାନ୍ତ ଚକ୍ରବର୍ତ୍ତୀ । ଯଦି ଦେବୀ ୨୦୨୯ ରେ ବିଜେପି ଟିକେଟରୁ ଲଢ଼ନ୍ତି ତେବେ ଶୁଭ୍ରାଂଶୁ ଓ ତୁଷାର କରିବେ କ'ଣ ?

ଗର୍ବିତ ଓଡ଼ିଆ

## ସୌଭିକ ହସିବେ, 'ନୟନ' କାନ୍ଦିବେ




ପ୍ରଭାତ ବିଶ୍ୱାଳ କଟକର ଜଣେ ଟାଣୁଆ ନେତା । ୨୦୦୪ରେ ସେ ବିଜେଡ଼ି-ବିଜେପି ମେଣ୍ଟ ପ୍ରାର୍ଥୀଙ୍କ ବିରୋଧରେ ସ୍ୱାଧୀନ ଭାବେ ଲଢ଼ି ବାଜିମାତ୍ କରିଥିଲେ । ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି । ୨୦୦୯ ଓ ୨୦୧୪ରେ ସେ ନୂତନ ନିର୍ବାଚନମଣ୍ଡଳୀ କଟକ-ଚୌଦ୍ୱାରରୁ ବାଜିମାତ୍ କରିଥିଲେ ।

**କଟକ-ଚୌଦ୍ୱାର ଅଙ୍କ**

କିନ୍ତୁ ଚିଟ୍‌ଫଣ୍ଡ କେଳେଙ୍କାରୀ ପାଇଁ ପ୍ରଭାତଙ୍କୁ ଦଳ ଟିକେଟ୍ ନଦେଇ ତାଙ୍କ ପୁଅ ସୌଭିକ ବିଶ୍ୱାଳଙ୍କ ଉପରେ ଭରସା କରିଥିଲା । ୨୦୧୯ ଓ ୨୦୨୪ରେ ସୌଭିକ ବାଜିମାତ୍ କରି ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଛନ୍ତି । ଏବେ ରାଜ୍ୟସଭା ନିର୍ବାଚନ ପରେ ସବୁକିଛି ବଦଳିଯାଇଛି । 'ଶଙ୍ଖ' ଓ 'ବିଜେଡ଼ି' କହି ପାଣି ପିଉନଥିବା ସୌଭିକ-ପ୍ରଭାତଙ୍କର ବିଜେଡ଼ି ପ୍ରତି ମୋହ ତୁଟିଯାଇଛି । ବିଜେପିକୁ ଯିବା ପାଇଁ କଥା ବି ସରିଯାଇଛି । ଯଦି ୨୦୨୯ରେ ସୌଭିକଙ୍କୁ ବିଜେପି ଟିକେଟ୍ ଦିଏ, ବିଜେପି ନେତା ନୟନ କିଶୋର ମହାନ୍ତି କରିବେ କ'ଣ ? ଏମିତିବି ୨୦୦୯ରୁ ଲଗାତର ଚାରିଥର ହାରିଥିବା ନୟନଙ୍କ ଉପରେ ଆଉ ବିଜେପିର ଆସ୍ଥା ହିଁ ନଥିଲା ।

## ନୂଆ ଦଳରୁ ଲଢ଼ିବେ ମୋକିମ୍ !




ଉପକୂଳର ଟାଣୁଆ କଂଗ୍ରେସ ନେତା ଭାବେ ମହମ୍ମଦ ମୋକିମ୍‌ଙ୍କର ଖ୍ୟାତି ରହିଛି । ୨୦୧୯ରେ ବାରବାଟୀ-କଟକରୁ ମୋକିମ୍ ପ୍ରଥମ ଥର ପାଇଁ ବିଧାନସଭା ମାଟି ମାଡ଼ିପାରିଥିଲେ ।

**ବାରବାଟୀ-କଟକ ଅଙ୍କ**

ପରେ କୋର୍ଟଙ୍କ ଅଙ୍କୁଶ ଯୋଗୁଁ ସେ ଆଉ ନିର୍ବାଚନ ଲଢ଼ିପାରିନଥିଲେ । ଫଳରେ ଝିଅ ସୋଫିଆ ଫିର୍ଦୌସ ମଇଦାନକୁ ଓହ୍ଲାଇ ରାଜ୍ୟର ପ୍ରଥମ ମୁସଲିମ୍ ବିଧାୟିକା ଭାବେ ଗୌରବ ଅର୍ଜନ କରିଛନ୍ତି । କଂଗ୍ରେସରୁ ବହିଷ୍କୃତ ହେବାପରେ ମୋକିମ୍ 'ଓଡ଼ିଶା ଜନତା କଂଗ୍ରେସ' ନାମରେ ଦଳଟେ ଗଠନ କରିଛନ୍ତି । ଖୁବଶୀଘ୍ର ଏହାର ବିଧିବଦ୍ଧ ସାଂଗଠନିକ କାର୍ଯ୍ୟ ଆରମ୍ଭ ହେବ । ମୋକିମ୍ ଦଳ ଗଢ଼ୁଛନ୍ତି ମାନେ ସ୍ୱାଭାବିକ ଭାବେ ୨୦୨୯ରେ ବାରବାଟୀ-କଟକରୁ ତାଙ୍କ ଦଳ ପ୍ରାର୍ଥୀ ଦେବ । ଯଦି କୋର୍ଟର ଅଙ୍କୁଶ ନରହିବ ତେବେ ସେ ନିଜେ ଲଢ଼ିବେ ନଚେତ୍ ବାଧରେ ସୋଫିଆ ମଇଦାନକୁ ଓହ୍ଲାଇବେ ।

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

## ରମାକାନ୍ତଙ୍କୁ ମିଳିବ 'ଫୁଲ' ଟିକେଟ୍



ସାରା ରାତି ନବୀନ ନିବାସରେ ଲୁଙ୍ଗି ପିନ୍ଧି ଶୋଇଲେ । ସେ ପର୍ଯ୍ୟନ୍ତ ସେ ଥିଲେ ବିଜେଡ଼ି । ରାତି ଅଧରେ ଅନ୍ତରାତ୍ମା ଏତେ ଜୋରରେ ତାଙ୍କ ଛାତିକୁ କୋରି ପକାଇଲାଯେ, ସେ ନବୀନ ନିବାସରେ ଲୁଙ୍ଗି ଫିଙ୍ଗି ଦେଇ (ପ୍ୟାଣ୍ଟ ସାର୍ଟ ପିନ୍ଧି) ଘରମୁହାଁ ହେଲେ । ଘର ବୋଇଲେ 'ବିଜେପି' । ଏମିତିବି ୨୦୧୪ ଓ ୨୦୧୯ରେ ସେ ବିଜେପି ଟିକେଟ୍‌ରୁ ଲଢ଼ିଥିଲେ ବି ବିଜୟର ଶଙ୍ଖ ଫୁଙ୍କି ପାରିନଥିଲେ । ଶେଷକୁ ବିଜେଡ଼ିର ଶଙ୍ଖ ଗାଡ଼ିରେ ବସି ସେ ବିଧାନସଭାକୁ ପ୍ରଥମ ଥର ପାଇଁ ଆସି ପାରିଥିଲେ । ଏବେ ତାଙ୍କୁ ଫୁଲ ଟିକେଟ ମିଳିବାର ପ୍ରତିଶ୍ରୁତି ମିଳିଯାଇଛି । ହେଲେ ୨୦୨୯ରେ ତିର୍ତ୍ତୋଲ ଯଦି ଅଣସଂରକ୍ଷିତ ହୋଇଗଲା ତେବେ କଥା ସରିଲା । ସବୁ ଅଙ୍କ ଗଡ଼ବଡ଼ ହୋଇଯିବା ଥୟ । ଅବଶ୍ୟ ଟେନସନ ନାହିଁ, ୨୦୨୯ ଯାଏଁ ସରକାରୀ ଦଳର ସମର୍ଥନରେ ସେ ତିର୍ତ୍ତୋଲରେ ରାଜ୍ କରିପାରିବେ ।

**ତିର୍ତ୍ତୋଲ ଅଙ୍କ**

## ପେଣ୍ଡୁଲମ୍ ହେବେ 'ନବ'



ଜୟଦେବ ବିଧାନସଭା ଆସନଟି ଏବେ ସଂରକ୍ଷିତ ଅଛି । ପାତ୍ର ଭାତୃଙ୍କର କୃପାରୁ ସେ ବିଧାୟକ ହେବାର ସୌଭାଗ୍ୟ ହାସଲ କରିଛନ୍ତି । ୨୦୨୯ ବେଳକୁ ସୀମା ପୁନଃ ନିର୍ଦ୍ଧାରଣ ହେବାର ସମ୍ଭାବନା ରହିଛି । ଯଦି ତାହା ଅଣସଂରକ୍ଷିତ ହେଲା ତେବେ ନବଙ୍କର ଆଉ ବିଧାୟକ ହେବାର ଚାନ୍ସ ହିଁ ନାହିଁ । ଯଦି ତାହା ସଂରକ୍ଷିତ ରହିଲା ତେବେ ନବଙ୍କୁ ଟିକେଟ୍ ମିଳିବାର କୌଣସି ଚାନ୍ସ ହିଁ ନାହିଁ । କାହିଁକିନା ଅରବିନ୍ଦ ଢାଲି ବାରବାର ଦଳ ବଦଳାଉଥିଲେବି ବିଜେପିର ତାଙ୍କ ପ୍ରତି ସଫ୍ଟ କର୍ଣ୍ଣର ରହିଛି । ଅପରପକ୍ଷରେ ଗତ ଚାରିଥର ଧରି ସେଠାରେ ବିଜେଡ଼ି ହିଁ ଜିତି ଆସୁଥିବାରୁ ନବ ଏବେ ପେଣ୍ଡୁଲମ୍ ଭଳି ଏପଟ ସେପଟ ଝୁଲିବା ସାର ହେବେବୋଲି ଅନୁମାନ କରାଯାଉଛି ।

**ଜୟଦେବ ଅଙ୍କ**

## ସୁବାସିନୀ ନୁହଁ, 'ସାର୍' ଲଢ଼ିବେ




ସାର୍ ଯାହାକୁ କହିବେ, ସୁବାସିନୀ ତାଙ୍କୁ ହିଁ ଭୋଟ୍ ଦେବେବୋଲି ନିୟମ କରିଥିଲେ । ଅବଶ୍ୟ ତାଙ୍କ ପାଇଁ ନବୀନ ବାବୁ ଯେମିତି ସାର୍, ସ୍ୱାମୀ ରବୀନ୍ଦ୍ର ଜେନା ବି ସେମିତି

**ବସ୍ତା ଅଙ୍କ**

ସାର୍ । ଦି ସାର୍‌ଙ୍କ କଥା ମାନି, ସେ ଖଣ୍ଡେ ଦିଲ୍ଲୀପ ରାୟଙ୍କୁ ଓ ଖଣ୍ଡେ ସଂତୃପ୍ତ ମିଶ୍ରଙ୍କୁ ଭୋଟ୍ ଦେଇଛନ୍ତି । ଏବେ ସେ ନିଲମ୍ବିତ ବିଧାୟିକା । ବିଜେପିକୁ ଖୋଲାଖୋଲି ଯାଇପାରିବେନି କି ସଂଗଠନ ବି କରିପାରିବେନି । ତେଣୁ ମଙ୍ଗ ସମ୍ଭାଳିବେ ରବୀନ୍ଦ୍ର ଜେନା । ରବୀନ୍ଦ୍ରଙ୍କର ବାଲେଶ୍ୱର ଲୋକସଭା ଆସନ ଉପରେ ଲୋଭ ରହିଛି । କିନ୍ତୁ ପ୍ରତାପ ନନା ଯଦି ୨୦୨୯ ବେଳକୁ ଲୋକସଭା ଲଢ଼ିବାକୁ ଜିଦ୍ ଧରିବେ ତେବେ ବସ୍ତାରୁ ରବୀନ୍ଦ୍ର ହିଁ ନିର୍ବାଚନ ଲଢ଼ିବାକୁ ବାଧହେବେ । ବାଲେଶ୍ୱର ସଦର ଉପରେ ରବୀନ୍ଦ୍ରଙ୍କର ଲୋଭ ଥିଲେବି ମାନସ ଦତ୍ତ ତାଙ୍କୁ ବାଟ ଛାଡ଼ିବାର ଚାନ୍ସ ହିଁ ନାହିଁ । ଅନ୍ୟ ଏକ ଚର୍ଚ୍ଚା ଅନୁଯାୟୀ, ପ୍ରତାପ ନନା ନୀଳଗିରି ଉପରେ ବି ନଜର ରଖିଛନ୍ତି । ସେମିତି ହେଲେ ସନ୍ତୋଷ ଖଟୁଆ ହିଁ ଅଙ୍କଳରେ ପଡ଼ିଯିବେ ।

## ତ୍ରିଶଙ୍କୁ ଅବସ୍ଥାରେ 'ଦାଶରଥି'



କ୍ରସଭୋଟିଂ କରି କଂଗ୍ରେସରୁ ନିଲମ୍ବିତ ହେବାପରେ ଦାଶରଥିଙ୍କ ଦଶାକୁନେଇ ଚର୍ଚ୍ଚା ହେବା ସ୍ୱାଭାବିକ । ମୋହନା ଏମିତି ଏକ ନିର୍ବାଚନମଣ୍ଡଳୀ ଯେଉଁଠି ତିନି ଦଳ ଭିତରେ କଡ଼ା ଫାଇଟ୍ ହୁଏ । ତିନି ଦଳର ବି ଭଲ ସଂଗଠନ ରହିଛି ।

**ମୋହନା ଅଙ୍କ**

୨୦୧୪ରେ ହାରିଥିବା ଦାଶରଥି କଂଗ୍ରେସ ଟିକେଟରେ ୨୦୧୯ ଓ ୨୦୨୪ରେ ବାଜିମାତ୍ କରିଛନ୍ତି । ଡବଲ ସ୍ୱାର୍ଥରେ ସେ ଦିଲ୍ଲୀପଙ୍କୁ ଭୋଟ୍ ଦେଇଥିବା ଜାଣିବାକୁ ମିଳିଛି । ଅବଶ୍ୟ ଗଣମାଧ୍ୟମରେ କଥା ଗୁହୁରାଇବା ଆଜିକାଲି ନେତାମାନଙ୍କର ଗୋଟେ ଖୋଇ ହୋଇଗଲାଣି । ଆଜିକା ଦିନରେ ତାଙ୍କର ଏକମାତ୍ର ଭରସା ହେଉଛି ବିଜେପି । ଅବଶ୍ୟ କଂଗ୍ରେସରେ ନେତା ଅଭାବରୁ ରମେଶଙ୍କ ଭଳି ସେ ବି କଂଗ୍ରେସ ଆଶା ଛାଡ଼ିନାହାନ୍ତି । ଗାଏମୋଟ୍ କହିଲେ ୨୦୨୯ ପର୍ଯ୍ୟନ୍ତ ଦାଶରଥି ତ୍ରିଶଙ୍କୁ ଅବସ୍ଥାରେ ହିଁ ରହିବେ ।

## ପୁଣି କଂଗ୍ରେସରୁ ଲଢ଼ିବେ ରମେଶ



ରମେଶ ଜେନା ଖାଣ୍ଟି କଂଗ୍ରେସିଆ । ଖାଲି ସାନଖେମୁଣ୍ଡି ନୁହେଁ, ଆଜିକା ଦିନରେ ଗଞ୍ଜାମ କଂଗ୍ରେସ କହିଲେ ରମେଶ ଜେନାଙ୍କୁ ବୁଝାଏ । ବିଜେଡ଼ି ବାଲା ଏତେ ହଲାପଟା କରିବା ପରେ ବି ରମେଶଙ୍କ ବିଜୟ ରଥକୁ କିନ୍ତୁ ଅଟକାଇ ପାରିନଥିଲେ । ହେଲେ ଏପଟେ ଭକ୍ତ ଦାସଙ୍କ ସହ ଅପଡ଼, ସେପଟେ ଦିଲ୍ଲୀପ ରାୟଙ୍କ ସହ ଘନିଷ୍ଠତା କାରଣରୁ ତାଙ୍କ ଭୋଟ୍ ସ୍ୱାଭାବିକ ଭାବେ ଦିଲ୍ଲୀପଙ୍କ ଆଡ଼କୁ ଚାଲିଗଲା । ଏମିତିବି ଡାକ୍ତର ଦଣ୍ଡେଶ୍ୱର

**ସାନଖେମୁଣ୍ଡି ଅଙ୍କ**

ହୋତାଙ୍କୁ ଭୋଟ୍ ଦେଇଥିଲେ ସେ କିଛି ଲାଭ ପାଇନଥା'ନ୍ତେ । କାହିଁକିନା ଦଣ୍ଡେଶ୍ୱରଙ୍କ ପରାଜୟ ନିଶ୍ଚିତ ଥିବା ସେ ଜାଣି ସାରିଥିଲେ । ଦିଲ୍ଲୀପଙ୍କୁ ଭୋଟ୍ ଦେଇ ସେ ଭକ୍ତଙ୍କୁ ବି ପାନେ ଦେବା ସହ ଦିଲ୍ଲୀପଙ୍କ ଭଳି ଧୂରୀଣ ରାଜନେତାଙ୍କ ସହ ସମ୍ପର୍କ ମଜବୁତ୍ କରିପାରିଛନ୍ତି । ଅତଏବ ଗୋଟିଏ ଗୁଳିରେ ଦିଇଟା ଶିକାର । ରାଗରେ ଭକ୍ତ ଦାସ ତାଙ୍କୁ ନିଲମ୍ବିତ କରିଛନ୍ତି ସତ, କିନ୍ତୁ ରମେଶ ଫୁଁ' କରି ଉଡ଼ାଇ ଦେଇଛନ୍ତି । ସେ ଜାଣିଛନ୍ତି ୨୦୨୬ର କଥା, ୨୦୨୯କୁ ନାହିଁ । ନିର୍ବାଚନ ସମୟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହେବା ଥୟ । ସେ ପୁଣି କଂଗ୍ରେସରୁ ଲଢ଼ିବାକୁ ଯୋଜନା କରିଛନ୍ତି । ଯଦି ଭକ୍ତ ବାବୁ ୨୦୨୯ ପର୍ଯ୍ୟନ୍ତ ପିସିସି ସଭାପତି ରହି ରମେଶଙ୍କ ପଛରେ ଲାଗିବେ, ତେବେ ସାନଖେମୁଣ୍ଡିରେ ବିଜେପିର ସ୍ଥିତି ନଥିବାରୁ ପଦ୍ମଫୁଲ ବାଲା ରମେଶଙ୍କ ପଛରେ ପଡ଼ିଗଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

## ଚକ୍ରମଣିଙ୍କର କ'ଣ ହେବ ?



ବାଲିଗୁଡ଼ାରୁ ଦୁଇ ଦୁଇଥର ବାଜିମାତ୍ କରିଛନ୍ତି ଚକ୍ରମଣି କହଁର । ସେଠାରେ କଂଗ୍ରେସ ସହ ତାଙ୍କର ମୁହାଁମୁହିଁ ଫାଇଟ୍ । ଅବଶ୍ୟ ବିଜେପି ଦୁର୍ବଳକୁ ଠେଲି ହେଉଥିବାରୁ ଚକ୍ରମଣିଙ୍କୁ ବିଜେପି ସୁଯୋଗ ଦେଇପାରେ । ଏମିତିବି ତାଙ୍କୁ କୁଆଡ଼େ କ୍ରସଭୋଟିଂ ପାଇଁ ଡବଲ ଥୋପ ଦିଆଯାଇଛି । ରାଜନୀତିକ ମହଲରେ ହେଉଥିବା

**ବାଲିଗୁଡ଼ା ଅଙ୍କ**

ଚର୍ଚ୍ଚା ଅନୁଯାୟୀ ଟ, ଠ ଦିଟା ଯାକ ମିଳିଛି । ଟ' ମାନେ ଟିକେଟ, ଠ' ମାନେ ଠନଠନ । ନହେଲେ ଜଣେ କ୍ୟାରିୟରକୁ କାଇଁ ବାଜିରେ ଲଗାଇଥା'ନ୍ତେ କହିଲେ? ବିଜୁ ଲିଗାସୀ ସହ ତାଙ୍କର ତ ନେଣଦେଣ ନାହିଁ । ଗାଏମୋଟ୍ କହିଲେ ୨୦୨୯ ନିର୍ବାଚନ ସମୟରେ ଚକ୍ରମଣି ଚକ୍ର ଭଳିଆ ଘୂରିବୁଲିବେ । ସେତେବେଳର ରାଜନୀତିକ ସ୍ଥିତି ଅନୁଯାୟୀ, ତାଙ୍କ ଭାଗ୍ୟରେ ଯାହା ଥିବ ।

# ଦେଖ ଆଗକୁ କ'ଣ ହେଉଛି...



ଦିଲ୍ଲୀପ ରାୟ ଓ ବିଜୟ ମହାପାତ୍ର ରାଜ୍ୟସଭା ନିର୍ବାଚନକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି । ପ୍ରଥମେ ସମସ୍ତେ ଭାବୁଥିଲେ ବିଜେପି ହିଁ ଖେଳ କଲା । ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଡ଼ି ପୁଣିଥରେ ସଫଳ ହେଲେ। ନବୀନଙ୍କୁ ଝଟକା ଦେଇ ବିଜେପି ସପକ୍ଷରେ ବଡ଼ ଜିତ୍ ହାସଲ କଲେ। ହେଲେ ଦିଲ୍ଲୀପ ଓ ବିଜୟଙ୍କ ମତ କିନ୍ତୁ ରାଜନୀତିର ଭିନ୍ନ ମୋଡ଼ ଦିଗକୁ ଇଙ୍ଗିତ କରିଛି। ରାଜ୍ୟସଭା ନିର୍ବାଚନର ତିନି ମାସ ପୂର୍ବରୁ ଦିଲ୍ଲୀପ ରାଜ୍ୟସଭା ପ୍ରାର୍ଥୀ ହେବେବୋଲି ଜାଣିଥିଲେ । ସେଥିପାଇଁ ଦିଲ୍ଲୀପ, ବିଜୟ, ପ୍ରଭାତ, ରବୀନ୍ଦ୍ରଙ୍କ ଭଳି ନେତାମାନେ ଏକାଠି ହୋଇ ଅଙ୍କ କଷୁଥିଲେ। ଏକଥା ଅମିତ୍ ଶାହା ବି ଜାଣିଥିଲେ। ଅତଏବ ବିଜେଡ଼ିକୁ ଭାଙ୍ଗି ବିଜେପିକୁ ଶକ୍ତିଶାଳୀ କରିବା ପାଇଁ ଅଙ୍କ କଷୁଛନ୍ତି ବିଜେପିର ଚାଣକ୍ୟ। ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ହେବ ବୋଲି ଦିଲ୍ଲୀପ କହିଛନ୍ତି। ବିନା ଅଙ୍କରେ ଦିଲ୍ଲୀପ ମୁହଁ ବି ଖୋଲନ୍ତିନି। ଏକଥା ସମସ୍ତେ ଜାଣନ୍ତି। ଏବେ ମୁହଁ ଖୋଲି ଏତେବଡ଼ କଥା କହୁଛନ୍ତିମାନେ, ଭିତରେ ଭିତରେ କିଛି ସମୀକରଣ ନିଶ୍ଚିତ ଚାଲିଛି। ୧୮ ବିଧାୟକ କ୍ରସଭୋଟିଂ କରିବାକୁ କଥା ଦେଇଥିଲେ ବୋଲି ଦିଲ୍ଲୀପଙ୍କ ମନ୍ତବ୍ୟ ବିଜେଡ଼ି ଶିବିରରେ କମ୍ପନ ସୃଷ୍ଟିକରିଛି। ଅତଏବ ଦଳ ଭିତରେ ଏମିତି କେତେକ ବିଧାୟକ ଅଛନ୍ତି, ଯେଉଁମାନେ କି ଦିଲ୍ଲୀପ-ବିଜୟଙ୍କ କ୍ୟାମ୍ପ ସହ ଭିତିରିଆ ସମ୍ପର୍କ ରଖିଛନ୍ତି ।

ଏବେ ପ୍ରଶ୍ନ ଉଠୁଛି, ଆଗାମୀ ଦିନରେ ବିଜୁ ପରିବାର ଏକାଠି ହୋଇ କ'ଣ କରିବେ ? ସେମାନେ ସମସ୍ତେ ବିଜେପିରେ ଯୋଗଦେବେ ନା ନୂଆ ଏକ ଆଞ୍ଚଳିକ ଦଳ ଗଢ଼ି ବିଜେପି ସହ ମେଣ୍ଟ କରିବେ। ଦିଲ୍ଲୀପ-ବିଜୟଙ୍କ ମୁଣ୍ଡରେ କି ଅଙ୍କ ଖୁଜୁବୁଜୁ ହେଉଛି। ତାହା ଜାଣିବା ପାଇଁ ସମସ୍ତଙ୍କ ମନରେ ଉତ୍ସୁକତା ତ ନିଶ୍ଚିତ ରହିଛି। ହେଲେ ଗୁପ୍ତ ରଣନୀତିରେ ମାହିର ଦିଲ୍ଲୀପ-ବିଜୟଙ୍କୁ ବୁଝିବା ଏତେ ସହଜ କଥା ନୁହେଁ। ସେଥିପାଇଁ ଆମେ କହୁଛୁ- ଦେଖ ଆଗକୁ କ'ଣ ହେଉଛି?

# ଟେନ୍‌ସନ୍‌ରେ ତେଜେଶ୍ୱର ଓ ମୁରଲୀ





ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡ଼ିରୁ ଦି ମାସ ତଳୁ ନିଲମ୍ବିତ ହୋଇସାରିଥିଲେ। ଅରବିନ୍ଦ ନିଲମ୍ବିତ ହୋଇଥିବାରୁ ତେଜେଶ୍ୱର ପରିଡ଼ା ବେଶ୍ ଖୁସି ହୋଇଯାଇଥିଲେ। ବିଜେଡ଼ିରେ ବିଭାଜନ ହେଲେ ସେ ଫାଇଦା ପାଇବାକୁ ଅନେଇ ବସିଥିଲେ। ସେପଟେ ତେଜେଶ୍ୱରଙ୍କ ସହ ଉମାକାନ୍ତ ପଟ୍ଟନାୟକଙ୍କର ଶୀତଳଯୁଦ୍ଧ ଚାଲିଥିଲେବି ବୈଜୟନ୍ତ ପଣ୍ଡାଙ୍କ ଆଶୀର୍ବାଦ ତେଜେଶ୍ୱରଙ୍କ ଉପରେ ରହିଛି। ହେଲେ ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଅରବିନ୍ଦ ବିଜେପି ମୁହାଁ ହୋଇଛନ୍ତି। ଯଦି ଅରବିନ୍ଦ ୨୦୨୯ ବେଳକୁ ବିଜେପିରେ ଯୋଗଦେବେ ଟିକେଟ୍ ପାଇବା ନିଶ୍ଚିତ। ଏମିତିବି ଦିଲ୍ଲୀପ ରାୟ ରାଜ୍ୟସଭା ସାଂସଦ ହେବାପରେ ଅରବିନ୍ଦଙ୍କ କାଟତି ବି ବଢ଼ିଯାଇଛି। ସେପଟେ ସନାତନ ମହାକୁଡ଼ ଅଘୋଷିତ ଭାବେ ବିଜେପି ହୋଇ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ତାଙ୍କର ସମ୍ପର୍କ ବି ନିବିଡ଼ ହୋଇଯାଇଛି। ବେପାର ସହ ରାଜନୀତିରେ ସୁରକ୍ଷା ବି ମିଳିଯାଇଛି। ଏବେ ଅରବିନ୍ଦ କି ସନାତନ ବିଜେପି ହେଲେ ପଦ ପଳାଇବ। କିନ୍ତୁ ୨୦୨୯ରେ ସନାତନ ବିଜେପିକୁ ଗଲେ ମୋହନ ତାଙ୍କ ପାଇଁ ଲବି କରି ଟିକେଟ୍ କରିବା ନିଶ୍ଚିତ କହିଲେ ଭୁଲ୍ ହେବନାହିଁ। ଏମିତି ହେଲେ ଚମ୍ପୁଆର ଟାଣୁଆ ନେତା ମୁରଲୀ ମନୋହର ଶର୍ମାଙ୍କୁ ନିରାଶ ହେବାକୁ ପଡ଼ିବ। ଦେଖାଯାଉ ଆଗକୁ ବିଜେପି ରାଜନୀତିରେ କେମିତି ଓଲମବିଲମ ପରିଲକ୍ଷିତ ହେଉଛି ?

# 'ଟଙ୍କା' ଓ 'ଟିକେଟ୍' ସତ; ବାକି ସବୁ ଗପ

ଆଜ୍ଞା ଏବେ ଦଳରୁ ନିଲମ୍ବିତ ହୋଇଥିବା ଅନେକ ନେତା ଗପ ଶୁଣାଇବାରେ ଲାଗିଛନ୍ତି। କିଏ କହୁଛନ୍ତି ମୋ ବାପାଙ୍କୁ ଅପମାନିତ କରାଗଲା ତ, ଆଉ କିଏ କହୁଛନ୍ତି ପାଣ୍ଡିଆନ୍ ବିଜେଡ଼ି ଲୁଟିବାକୁ ଯୋଜନା କରୁଛନ୍ତି। କିଏ କହୁଛନ୍ତି ବିକାଶ ପାଇଁ କ୍ରସ୍ ଭୋଟିଂ କଲି। ଆଉ ଥୋକେ ଗାଲୁଭୁରୁଡ଼ି ମାରି କହୁଛନ୍ତି ମୁଁ କିଛି ଭୁଲ୍ କରିନି। ଦଳୀୟ ପ୍ରାର୍ଥୀଙ୍କୁ ବି ଭୋଟ୍ ଦେଇଛି, ଆଉ ଖଣ୍ଡେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛି। ହଇଓ, ମାନ୍ୟବରମାନେ, ଏ ପବ୍ଲିକ୍ ସବୁ ଜାନ୍ତା। ଆପଣ କାହାକୁ ଗପ ଶୁଣାଉଛନ୍ତି। ଏ ରାଜ୍ୟସଭା ନିର୍ବାଚନଟି ମାସକ ଭିତରର କଥା। ଏଇ ମାସକ ଭିତରେ ଆପଣଙ୍କର ଏତେ ପେଖନା ମନେ ପଡ଼ିଯାଉଛି। ସତ କ'ଣ ସମସ୍ତେ ଜାଣନ୍ତି। ଟଙ୍କା ଆଉ ଟିକେଟ୍ ପାଇଁ ହିଁ ଏତକ ଖେଳ ହୋଇଛି। ଏମିତିବି ବିଜୟ ବାବୁ ଆଉ ଦିଲ୍ଲୀପ ବାବୁ କହି ସାରିଛନ୍ତି, ଏ ଖେଳ ଏବେର ନୁହଁ। ତିନି ମାସ ଧରି ଏହି ଖେଳ ଚାଲିଥିଲା। ଘୋଡ଼ାର ତାଲିକା ହୋଇଥିଲା। କେଉଁ ଦାନା ଖାଇଲେ 'ଶଙ୍ଖ' କି 'ହାତ' ଘୋଡ଼ା ଶାଳରୁ ଘୋଡ଼ା ଫିଟି ମେ' ଫେୟାର କି ପଦ୍ମପୋଖରୀ ହୁଡ଼ାରେ ଚରିବେ ତାହା ବି ସେମାନଙ୍କୁ ଜଣାଥିଲା। ତେଣୁ ଆଉ ଗପ କହି ଲୋକହସା ହେବାର କୌଣସି ଆବଶ୍ୟକତା ନାହିଁ। ଏବେ ୨୦୨୯ ପାଇଁ ସଂଗଠନର ବେଳ। ଏବେତ ସେମାନେ ନା ବିଜେଡ଼ିର ସଂଗଠନ କରିପାରିବେ ନା ବିଜେପିର। ଯାହା କରିବେ ନିଜର ସଂଗଠନ। ଦେଖାଯାଉ, ପଞ୍ଚାୟତ ନିର୍ବାଚନରେ କିଏ କେଉଁ ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଜିତାଉଛନ୍ତି? ଅବଶ୍ୟ ଏଇ ମଉକାରେ ନିଲମ୍ବିତ ମାନ୍ୟବରଙ୍କ ଶତ୍ରୁମାନେ ନିର୍ବାଚନମଣ୍ଡଳୀରେ ସକ୍ରିୟ ହୋଇଗଲେଣି। ଏ ଘୋଡ଼ା ଦୌଡ଼ ଶହେ ମିଟର ରେସ୍ ନୁହେଁ। ମାରାଥନ୍ ରେସ୍। ଏବେଠୁ ୨୦୨୯ ଯାଏଁ ଚାଲିବ। ଦେଖାଯାଉ ସେ ପର୍ଯ୍ୟନ୍ତ ଷ୍ଟାମିନା ରହୁଛି କି ନାହିଁ?

# କଂଗ୍ରେସଠୁ ସ୍ୱାଧୀନ ବଳିଗଲେ

୨୦୨୪ ନିର୍ବାଚନ ବେଳେ ବିଜେପି ଫାଷ୍ଟ, ବିଜେଡ଼ି ସେକେଣ୍ଡ ଆଉ କଂଗ୍ରେସ ଥାର୍ଡ଼ ଥିଲା। ଏବେ କିନ୍ତୁ ରାଜ୍ୟସଭା ନିର୍ବାଚନ ସବୁ ଅଙ୍କ ବଦଳାଇ ଦେଇଛି । ଏବେ ସ୍ୱାଧୀନ ଥାର୍ଡ଼ ହୋଇଯାଇଛନ୍ତି । ଏବେ ନିଲମ୍ବିତ ବିଧାୟକଙ୍କ ସଂଖ୍ୟା ୧୧ରେ ପହଁଚି ଯାଇଥିବାବେଳେ ୩ ସ୍ୱାଧୀନ ବିଧାୟକ ବି ରହିଛନ୍ତି। ଏମାନଙ୍କ ସଂଖ୍ୟା ୧୪ରେ ପହଁଚି ଯାଇଥିବାବେଳେ କଂଗ୍ରେସର ସଂଖ୍ୟା ୧୧କୁ ଖସିଆସିଛି । ତେବେ ସବୁଠାରୁ ବଡ଼ କଥାଟି ହେଉଛି, ସ୍ୱାଧୀନ ବିଧାୟକମାନେ ବିଜେପିର ସହଯୋଗୀ ସଭ୍ୟ ଭାବେ କାମ କରୁଛନ୍ତି । ଏବେ ବିଜେଡ଼ି ଓ କଂଗ୍ରେସର ନିଲମ୍ବିତ ବିଧାୟକଙ୍କ ଆଭିମୁଖ୍ୟ କ'ଣ ହେବ? ସେମାନଙ୍କ ଭିତରୁ ଅନେକ ସରକାରୀ ଦଳ ସହ ଭିତିରିଆ ଯୋଗସୂତ୍ରରେ ଅଛନ୍ତି । ହେଲେ ଲୋକଙ୍କ ଆଗରେ ବାହାନା କରୁଛନ୍ତି । କିନ୍ତୁ ବିଧାନସଭାରେ ସେମାନଙ୍କ ଆଭିମୁଖ୍ୟ ଅସଲ ଚରିତ୍ର ଓ ଉଦ୍ଦେଶ୍ୟ ପଦାରେ ପଡ଼ିବା ନିଶ୍ଚିତ ।

## ଅଫ ଦ' ରେକର୍ଡ: ଭକ୍ତଙ୍କ ସଂକେତ

# ୨୦୨୯ରେ ବିଜେଡ଼ି-କଂଗ୍ରେସ ମେଣ୍ଟ

୨୦୨୯ରେ ବିଜେଡ଼ି ଓ କଂଗ୍ରେସ ମେଣ୍ଟ ହେବ। ଏନେଇ ଦୁଇ ଦଳ ମଧ୍ୟରେ ଯୋଜନା ଚାଲିଛି। ବିଜେଡ଼ି ପକ୍ଷରୁ କୌଣସି ସଂକେତ ମିଳିନଥିବାବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ କିନ୍ତୁ ଦଳୀୟ ନେତାଙ୍କୁ ସଂକେତ ଦେଉଛନ୍ତି। ଗଞ୍ଜାମର କିଛି କଂଗ୍ରେସ ନେତାଙ୍କୁ ଭକ୍ତ ଏଭଳି କହିଥିବା ଜାଣିବାକୁ ମିଳିଛି। ଅବଶ୍ୟ ବିଜେଡ଼ି ଏବେ ଧିରେଧିରେ କଂଗ୍ରେସ ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଛି। ଦଳର ବିଜେପି ପ୍ରତି ଥିବା ପ୍ରେମରେ ଭଟ୍ଟା ପଡ଼ିଛି। ରାଜ୍ୟସଭା ନିର୍ବାଚନରେ ମଲ୍ଲିକାର୍ଜୁନ ଖାଡ଼ଗେ ଓ ନବୀନ ପଟ୍ଟନାୟକ ଆଲୋଚନା କରିଥିବା କଥା ସମସ୍ତେ ଜାଣନ୍ତି। ସେପଟେ ସଂସଦରେ ବିରୋଧୀଙ୍କ ସହ ବିଜେଡ଼ି ମଧ୍ୟ କକ୍ଷତ୍ୟାଗ କରିବାର ନୂଆ ନଜିର ସୃଷ୍ଟିକରିଛି। ଖାଲି ସେତିକିନୁହେଁ, ରାଜ୍ୟସଭା ନିର୍ବାଚନ ସମୟରେ ଭକ୍ତ ଦାସ ମେଣ୍ଟ ସଂକ୍ରାନ୍ତରେ ସକରାତ୍ମକ ମନ୍ତବ୍ୟ ଦେଇଥିବାବେଳେ ନବୀନ ପଟ୍ଟନାୟକ ବି ଭବିଷ୍ୟତ କହିବ ବୋଲି କହିଥିଲେ। ଅର୍ଥାତ୍ ନବୀନ ମଧ୍ୟ ଏଭଳି ସମ୍ଭାବନାକୁ ବାଏଁବାଏଁ ଉଡ଼ାଇ ନଦେଇ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ରଖିଛନ୍ତି ।



ପରିସଂଖ୍ୟାନକୁ ଦେଖିଲେ ରାଜ୍ୟର ତିନି ଡଜନ ବିଧାନସଭା ଆସନରେ କଂଗ୍ରେସର ଭଲ ଶକ୍ତି ରହିଛି। ବିଜେଡ଼ି ଓ କଂଗ୍ରେସ ମିଶିଲେ କଂଗ୍ରେସ ଲାଭ ପାଇବ। ଅନୁରୂପ ଭାବେ ଗତ ନିର୍ବାଚନରେ ବିଜେଡ଼ି ହାତରୁ ଖସିଥିବା କେତେକ ଆସନରେ କଂଗ୍ରେସ ଭୋଟ୍ ମିଶିଲେ ତାହାବି ବିଜେଡ଼ି ଫେରିପାଇବ।

### ନେତାଙ୍କୁ ସାଇଡ଼ ଇଫେକ୍ଟସ ଡର

ଏସଂକ୍ରାନ୍ତରେ ଆମେ ଆଗାମୀ ସଂସ୍କରଣରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବୁ । ଏଭଳି ଚର୍ଚ୍ଚା ଯୋଗୁଁ କିଛି ନେତା ଖୁସି ହୋଇଯାଇଛନ୍ତି। ବିଶେଷକରି ବାରମ୍ବାର କଂଗ୍ରେସ ଟିକେଟରେ ହାରିଥିବା ନେତା ଖୁସି। କାହିଁକିନା ମେଣ୍ଟ ହେଲେ ସେମାନେ ଜିତିଯାଇପାରିବେ । ହେଲେ ତୃଣମୂଳସ୍ତରରେ କାମ କରୁଥିବା ଅନେକ ନେତା କିନ୍ତୁ ଦୁଃଖି । ଯଦି ମେଣ୍ଟ ହୁଏ ଆଉ ତାହା ବିଜେଡ଼ି ଭାଗରେ ପଡ଼େ ତେବେ ସେମାନେ ସର୍ବନାଶ ହୋଇଯିବେ । ଅବଶ୍ୟ ଆଜ୍ଞା ଏକଥା କେବଳ ଚର୍ଚ୍ଚା ଭିତରେ ସୀମିତ ରହିଛି । ତଥାପିବି ଯିଏ ନେତା ସିଏ କିନ୍ତୁ ଏବେଠୁ ଭାବିଭାବି ମନସ୍ତାପରେ ରହିଛନ୍ତି ।

# ନବୀନ ବାବୁ, ରଘୁନାଥଙ୍କର ଭୁଲ କ'ଣ ଥିଲା ?



୧୯୯୦ରୁ ୨୦୦୯ । ବସ୍ତା ଥିଲା ରଘୁନାଥ ମହାନ୍ତିଙ୍କ ଗଡ଼। ଜନତା ଦଳ ଓ ବିଜୁ ଜନତା ଦଳର ଗଡ଼ । ପାଞ୍ଚ ଥର ଜିଣିଥିବା ରଘୁନାଥ ନବୀନ ବାବୁଙ୍କର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଥିଲେ। ହେଲେ ୨୦୧୪ରୁ ଆଉ ବିଧାନସଭାକୁ ଆସିପାରିନାହାନ୍ତି ରଘୁନାଥ। ରାଜନୀତିର ମ୍ୟୁଜିକ୍ ଚେୟାରରେ ସେ ଧାଉଁଥିଲେବି ଚଉକି ଖଣ୍ଡେ ପାଇଲେନି। ବିଜେଡ଼ି ତାଙ୍କୁ ଟିକେଟ ବି ଦେବାକୁ ଯୋଗ୍ୟ ମଣିଲାନି । ପୁଅବୋହୂଙ୍କ କଳିରେ ରଘୁନାଥ ବଳି ପଡ଼ିଗଲେ । ହେଲେ ସବୁଠାରୁ ବଡ଼ କଥାଟି ହେଉଛି, ପୁଅବୋହୂ ମିଶିଯିବା ପରେ ନବୀନ ତାଙ୍କୁ ଡାକି ଦଳରେ ମିଶାଇଥିଲେ। ହେଲେ ଟିକେଟ୍ ଦେଲେନି। ଯେଉଁଥିପାଇଁ ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଏତେ ବଡ଼ ନେତାଙ୍କୁ ପାରିବାରିକ କାରଣ ପାଇଁ ବଳି ପକାଇବା କେତେଦୂର ଠିକ୍ ଥିଲା ? ଏକଥା ଆଜି ନବୀନ ନିଜେ ନିଜକୁ ପଚାରନ୍ତୁ ।

ରଘୁନାଥଙ୍କ ବଦଳରେ ନବୀନ ନିତ୍ୟାନନ୍ଦ ସାହୁଙ୍କ ଉପରେ ଭରସା କଲେ । ଏକାଳରେ ବି ଧୋତି ପିନ୍ଧି ଦଳୀୟ ସାଙ୍ଗଠନିକ ଶକ୍ତି ଓ ନିଜର ଲୋକପ୍ରିୟତା ଯୋଗୁଁ ସେ ଦୁଇଥର ଜିତିଲେ। ୨୦୧୪ ଓ ୨୦୧୯ ରେ ଜିଣିଥିଲେବି ୨୦୨୪ରେ ତାଙ୍କୁ ଟିକେଟ୍ ଦେଲେନି ନବୀନ। ରବୀନ୍ଦ୍ର ଜେନାଙ୍କ ପତ୍ନୀ ସୁବାସିନୀ ଜେନାଙ୍କୁ ସେ ଦଳୀୟ ଟିକେଟ୍ ଧରାଇ ଦେଇଥିଲେ । ନବୀନଙ୍କ କ୍ଷମତା, ଦଳର ଶକ୍ତି ଆଗରେ ସମସ୍ତେ ଚୁପ୍ ରହିଲେ । ହେଲେ ଆଜି ହେଲା କ'ଣ ? ସୁବାସିନୀ ଶକ୍ତ ଝଟକା ଦେଲେ । ଏବେ ବିଜେଡ଼ି ଭାବୁ, ନେତାଙ୍କ ପ୍ରତି ଦଳ ନା ଦଳ ପ୍ରତି ନେତା ବେଇମାନ୍ କରିଛନ୍ତି ?

## ଭୋଟ୍ ଯୋଜନା

ବିଜେପି, କଂଗ୍ରେସ ଓ ବାମଦଳ ଯେତେ ଶକ୍ତି ଜୁଟାଇ ଆକ୍ରମଣ କଲେବି ମମତା ବାନାର୍ଜୀ କିନ୍ତୁ ନିଧଡ଼କ। ବିରୋଧୀ ଭୋଟ୍ ବିଭାଜନ ବି ତାଙ୍କ ବିଜୟକୁ ଅଟକାଇପାରିନି। ମୋଦି-ଶାହଙ୍କ ଆକ୍ରମଣାତ୍ମକ ରଣନୀତିକୁ ସେ ପ୍ରତିହତ କରିବାରେ ମାହିର ବୋଲି ପ୍ରତିପାଦିତ କରିସାରିଛନ୍ତି। ମମତାଙ୍କ ତୃଣମୂଳ କଂଗ୍ରେସ, ସଂଗଠନ ସହ ଭୋଟ ଭିଡ଼ିବା ଯୋଜନା ଉପରେ ଗୁରୁତ୍ୱ ଦେଇଆସୁଛି। ଲକ୍ଷ୍ମୀଭଣ୍ଡାର, କନ୍ୟାଶ୍ରୀ, ରୂପଶ୍ରୀ ଭଳି ଯୋଜନା ପାଇଁ ସେ ଟଙ୍କା ଖଞ୍ଜିଦେବାରେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି। ଅବଶ୍ୟ ଏଥିପାଇଁ ମଧ୍ୟାହ୍ନ ଭୋଜନ ଯୋଜନା, ଜନସ୍ୱାସ୍ଥ୍ୟ, ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ଖର୍ଚ୍ଚକାଟ କରିବାକୁ ପଡୁଛି ।

## ମମତାଙ୍କ ପ୍ରତିଶ୍ରୁତି

ଆଗାମୀ ବିଧାନସଭା ନିର୍ବାଚନ ପାଇଁ ମମତା ବାନାର୍ଜୀ ୧୦ ପ୍ରତିଶ୍ରୁତି ଦେଇଛନ୍ତି। ସେଥିମଧ୍ୟରୁ ମୁଖ୍ୟ ପ୍ରତିଶ୍ରୁତିଗୁଡ଼ିକ ହେଉଛି;

### ଲକ୍ଷ୍ମୀ ଦେର ଜୋୟ୍, ସ୍ୱନିରଭାରତ ଅକ୍ଷୟ୍

ଲକ୍ଷ୍ମୀଭଣ୍ଡାର ଯୋଜନାରେ ୨୫ରୁ ୬୦ ବର୍ଷର ମହିଳାଙ୍କୁ ମାସକୁ ଆଉ ୫ ଶହ ଟଙ୍କାର ସହାୟତା ମିଳିବ । ଫଳରେ ସାଧାରଣ ବର୍ଗର ମହିଳା ୧୫ ଶହ ଟଙ୍କା ଓ ଏସସି-ଏସଟି ବର୍ଗର ମହିଳା ମାସିକ ୧୭ ଶହ ଟଙ୍କାର ଆର୍ଥିକ ସହାୟତା ପାଇବେ ।

### ଯୁବାଦେର ପାଶେ, ଜୀବିକାର ଆଶ୍ୱାସେ

ବାଙ୍ଗଲାର ଯୁବ ସାଥି ଯୋଜନାରେ ବେକାରୀ ଯୁବକଙ୍କୁ ମାସିକ ୧୫ ଶହ ଟଙ୍କାର ଭତ୍ତା ମିଳିବ ।

### ବଜେଟ୍-ଇ କୃଷି, କୃଷକର ହସି

ଚାଷୀ ଓ ଭୂମିହୀନ ଚାଷୀଙ୍କ ପରିବାରକୁ ସହାୟତା ଦେବାକୁ ୩୦ ହଜାର କୋଟିର କୃଷି ବଜେଟ୍। ଏତଦବ୍ୟତୀତ ସମସ୍ତଙ୍କୁ ପକ୍କା ଘର ଓ ପାଇପ ଜଳ ଯୋଗାଣ କରାଯିବ। 'ଦୁଆରେ ଚିକିତ୍ସା' କ୍ୟାମ୍ପ ଜରିଆରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ମିଳିବ। ପଶ୍ଚିମବଙ୍ଗ ପୂର୍ବ ଭାରତର ବାଣିଜ୍ୟିକ ଗେଟୱେ ହେବ। ଆଉ ୭ ଜିଲ୍ଲା ସୃଷ୍ଟି କରାଯିବା ସହ ପୌରାଞ୍ଚଳ ସଂଖ୍ୟା ବୃଦ୍ଧି କରାଯିବ।



# ପୁଣି ମମତା-ଶୁଭେନ୍ଦୁ ଲଢ଼େଇ

୨୦୨୧ରେ ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ହିଁ ସବୁଠୁ ଚର୍ଚ୍ଚାରେ ରହିଥିଲା। ଯେଉଁଠି ମୁହାଁମୁହିଁ ହୋଇଥିଲେ ମମତା ବାନାର୍ଜୀ ଓ ଶୁଭେନ୍ଦୁ ଅଧିକାରୀ। ଏକଦା ଶୁଭେନ୍ଦୁ ଥିଲେ ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ତେବେ ସେ ମମତାଙ୍କୁ ଛାଡ଼ି 'ପଦ୍ମ' ଧରିବା ପରେ ସେଠାରେ ମହାଲଢ଼େଇ ଦେଖିବାକୁ ମିଳିଥିଲା। ହାଇଭୋଲଟେଜ ପ୍ରଚାରରେ ନନ୍ଦୀଗ୍ରାମ କମ୍ପିଥିଲା। ଶୁଭେନ୍ଦୁଙ୍କ ଗଡ଼ରେ ଶୁଭେନ୍ଦୁଙ୍କୁ ମାତ୍ ଦେବାକୁ ମମତା ଆସିଥିଲେ ବି ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସେ ସିନା ନିଜେ ନିର୍ବାଚନ ହାରିଯାଇଥିଲେ ହେଲେ ତାଙ୍କ ଦଳ ଲଗାତର ତୃତୀୟ ଥର ପାଇଁ କ୍ଷମତାକୁ ଆସିଥିଲା।

୨୦୨୬ରେ ବି ପୁଣିଥରେ ମମତା ଓ ଶୁଭେନ୍ଦୁଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଅବଶ୍ୟ ଏଥର ଯାଗା ବଦଳିଯାଇଛି। ଗତଥର ଶୁଭେନ୍ଦୁଙ୍କ ଗଡ଼ରେ ଶୁଭେନ୍ଦୁଙ୍କୁ ଟକ୍କର ଦେବାକୁ ମମତା ନନ୍ଦୀଗ୍ରାମ ଯାଇଥିବାବେଳେ ଏଥର ମମତାଙ୍କ ଗଡ଼ରେ ମମତାଙ୍କୁ ଟକ୍କର ଦେବାକୁ ଶୁଭେନ୍ଦୁ ଭବାନୀପୁରରୁ ଲଢ଼ିବେ। ତେବେ ଶୁଭେନ୍ଦୁ ନନ୍ଦୀଗ୍ରାମରେ ବି ଲଢ଼ିବେ। ଅର୍ଥାତ୍ ସେ ଦୁଇଟି ଆସନରୁ ଲଢ଼ିବାକୁ ଯାଉଛନ୍ତି। ଅପରପକ୍ଷରେ ମମତା ବି ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। ଶୁଭେନ୍ଦୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ପବିତ୍ର କରଙ୍କୁ ସେ ସେଠାରୁ ପ୍ରାର୍ଥୀ କରିଛନ୍ତି। ଯାହାକି ତାଙ୍କୁ ଅଡ଼ୁଆରେ ପକାଇଦେବ ବୋଲି କୁହାଯାଉଛି। ନନ୍ଦୀଗ୍ରାମର ଗୋଟିଏ ବ୍ଲକ ମୁସଲିମ୍ ବହୁଳ ହୋଇଥିବାବେଳେ ଆଉ ଗୋଟିଏ ବ୍ଲକ ହିନ୍ଦୁ ବହୁଳ। ମମତା ଗତଥର ମୁସଲିମ୍ ବହୁଳ ବ୍ଲକରେ ଆଗେଇଥିଲେ ବି ହିନ୍ଦୁ ବହୁଳ ବ୍ଲକରେ ଝୁଣ୍ଟିଥିଲେ। ଯେଉଁଥିପାଇଁ ତାଙ୍କୁ ୧୯୫୬ ଖଣ୍ଡ ଭୋଟ୍‌ରେ ହାରିବାକୁ ପଡ଼ିଥିଲା। ଏଥର ଟିଏମ୍‌ସି ପ୍ରାର୍ଥୀ ହୋଇଥିବା ପବିତ୍ର କର ହିନ୍ଦୁ ବହୁଳ ବ୍ଲକରୁ ଆସୁଥିବାରୁ ସେ ଶୁଭେନ୍ଦୁଙ୍କ ଭୋଟରେ ଭାଗ ବସାଇବେ। ଯେତେବେଳେ କି ମୁସଲିମ୍ ଅଧ୍ୟୁଷିତ ବ୍ଲକରେ ଟିଏମସିର ଭଲ ଭୋଟ୍ ବ୍ୟାଙ୍କ ରହିଛି। ଯାହାକି ପବିତ୍ର ଓ ଟିଏମସି ପାଇଁ ଭଲହେବ ବୋଲି ରଣନୀତି କରାଯାଇଛି।



### ୮୪ ଲକ୍ଷ ବେକାରୀଙ୍କୁ ଭତ୍ତା

ଲକ୍ଷ୍ମୀର ଭଣ୍ଡାର ଯୋଜନାରେ ମହିଳା ଭୋଟରଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଛି ଟିଏମସି । ଯାହାକି ଦଳକୁ ଲୋକସଭା ଓ ବିଧାନସଭା ନିର୍ବାଚନରେ ସହାୟକ ହୋଇଥିଲା । ଏବେ ଯୁବ ଭୋଟ୍ ଟାଣିବା ପାଇଁ ଯୁବା ସାଥି ଯୋଜନା କରାଯାଇଛି। ଏହି ଯୋଜନାରେ ୮୪ ଲକ୍ଷ ବେକାରୀ ଯୁବକ ସାମିଲ୍ ହୋଇଛନ୍ତି। ଯେଉଁମାନଙ୍କୁ ମାସିକ ଦେଢ଼ ହଜାର ଟଙ୍କାର ବେକାରୀ ଭତ୍ତା ମିଳିବ। ତେବେ ପଶ୍ଚିମବଙ୍ଗରେ ଋଣ ବଢ଼ି ବଢ଼ି ଚାଲିଥିବାବେଳେ ମମତାଙ୍କ ଏହି ମାଗଣା ଯୋଜନା ରାଜ୍ୟର ଅର୍ଥନୀତିକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA



# ମିଡ଼ିଆ ଉପରେ ପଡୁଛି ଲୋକଙ୍କ ଅଭିଶାପ

**- ସୁଲତା ଦେଓ**



**ପଞ୍ଚାୟତରୁ ପାର୍ଲାମେଣ୍ଟ। ଗାଁ ନେତ୍ରୀରୁ ରାଜନୀତିକ କ୍ୟାରିୟର ଆରମ୍ଭ କରି ଆଜି ରାଜ୍ୟସଭାରେ ପହଞ୍ଚିଯାଇଛନ୍ତି। ନବୀନ ଓ ବିଜେଡ଼ି ପ୍ରେମରେ ପୂରା ପାଗଳ କହିଲେ ଭୁଲ୍ ହେବନାହିଁ। ଦଳ କି ନବୀନଙ୍କ ବିରୋଧରେ ଯିଏ ଗଲା ତାଙ୍କୁ ପ୍ରଥମେ ସୁଲତା ଦେଓଙ୍କ ପ୍ରହାରର ସାମ୍ନା କରିବାକୁ ପଡ଼ିବ। କାହାକୁ ବି ସେ ଛାଡୁନାହାନ୍ତି। ଆଜ୍ଞା, ଆମ ମିଡ଼ିଆ ବି ନିଇତି ତାଙ୍କ କଟୁକ୍ତିର ସାମ୍ନା କରୁଛି। ବିଜେଡ଼ି ହାଲଚାଲକୁ ନେଇ ତାଙ୍କ ସହ କେଇପଦ କଥା।**

**ଗର୍ବିତ ଓଡ଼ିଆ: ୨୦୨୪ରେ ବିଜେପି ଠୁ ବିଜେଡି ଅଧିକ ଭୋଟ ପାଇଥିଲା, ଏବେ କିନ୍ତୁ ନେତା ମାନେ ବିଜେଡିଠୁ ମୁହଁ ଫେରାଇ ନେଉଛନ୍ତି, ଆଗରୁ ସରପଞ୍ଚ, ଜିଲ୍ଲା ପରିଷଦ ଯାଉଥିଲେ ଏବେ ସେହି ରାସ୍ତାରେ ବିଧାୟକମାନେ । ଏନେଇ କଣ କହିବେ?**

**ସୁଲତା ଦେଓ:** ଆମ ଦଳ ଏକ ଆଞ୍ଚଳିକ ଦଳ, ଠିକ ପିରାମିଡ ଭଳି। ଉପରେ ଜଣିଏ ନେତା ନବୀନ ପଟ୍ଟନାୟକ। ନବୀନଙ୍କ ଛଡା ବାକି ସବୁ କର୍ମୀ । ଯିଏ ନବୀନ ପଟ୍ଟନାୟକଙ୍କ ଆଗରେ ନିଜକୁ ନେତା କହିବ, ସେ ମେ' ଫେୟାରରେ ଯାଇ କଣ ଦି ମୁଠା ଖାଇଦେଉ।

**ଯିଏ ନବୀନ ପଟ୍ଟନାୟକଙ୍କ ଆଗରେ ନିଜକୁ ନେତା କହିବ, ସେ ମେ' ଫେୟାରରେ ଯାଇ କଣ ଦି ମୁଠା ଖାଇଦେଉ।**

**ଏମିତି ଧିରେ ଧିରେ ବିଜେଡି ଛିଣ୍ଡିଯିବ, ଚର୍ଚ୍ଚା ହେଉଛି ବିଜେପି ବି ମହାରାଷ୍ଟ୍ର ଷ୍ଟାଇଲରେ ବିଜେଡିକୁ ଭାଙ୍ଗିବାକୁ ଉଦ୍ୟମ କରୁଛି। ଅମିତ୍ ଶାହା ଦିଲ୍ଲୀପଙ୍କ ସହ ଆଲୋଚନାରୁ ଏହା ସ୍ପଷ୍ଟ ହେଉଛି ।**

ଆପଣଙ୍କ ପ୍ରଶ୍ନଟି ହେଉଛି 'ଛିଣ୍ଡିଯିବ'...ତା ଅର୍ଥ ଭବିଷ୍ୟତ କାଳ। କାଲି ମୋର କି ଆପଣଙ୍କ କଣ ହେବ, ଆମେ କହି ପାରିବା କି? ତେଣୁ ଏକ ଲୋକଙ୍କ ପାଇଁ ସମର୍ପିତ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡିକୁ ନେଇ ଆପଣ କିମ୍ବା ମିଡ଼ିଆ ଭବିଷ୍ୟବାଣୀ ନକରୁ । ଏ ଯେଉଁ ସରକାର ଆସିଛି, ଯେଉଁଥିରେ ବାଲି ଚୋରିଠୁ ଆରମ୍ଭ କରି ପିଲା ଚୋରି, ହତ୍ୟା, ଧର୍ଷଣ, ରାହଜନୀ ବଢି ଚାଲିଛି, ସେଥିରେ କଣ କେବଳ ଯେଉଁମାନେ ଫୁଲକୁ ଭୋଟ୍ ଦେଇଛନ୍ତି ସେମାନଙ୍କ ଦୋଷ? ବରଂ ନବୀନ ପଟ୍ଟନାୟକଙ୍କ ନାଁରେ ଅପପ୍ରଚାର କରିଥିବା ମିଡ଼ିଆ ବି ସମାନ ପରିମାଣରେ ଦୋଷୀ। ଲୋକଙ୍କ ଲୁହ ରକ୍ତ, ଅଭିଶାପ କେବଳ ବିଜେପି ସରକାର ଉପରେ ପଡୁନି ବରଂ ମିଡ଼ିଆ ଉପରେ ବି ପଡୁଛି । ତେଣୁ ଆପଣଙ୍କୁ ମୋର ଅନୁରୋଧ, ଭବିଷ୍ୟବାଣୀ କରନ୍ତୁ ନାହିଁ। ଆଉ ଅତୀତକୁ ଦେଖନ୍ତୁ । ଯେତେବେଳେ ବି ରାଜ୍ୟ ସଭା ନିର୍ବାଚନରେ ବିଜେଡି ବିରୋଧରେ ଘୋଡା ବେପାର ହୋଇଛି, ବିଜେଡି ଆହୁରି ମଜବୁତ ହେଉଛି । ମୋର ନେତା ଯେତେବେଳେ "ଆଗାମୀ ଶହେ ବର୍ଷ ବିଜେଡି କହୁଛନ୍ତି, ତାର ବହୁ ଆଧାର ଅଛି। ସରକାରୀ ଦଳ ବିଜେଡି ପ୍ରତି ଯେତେ ଅନ୍ୟାୟ କରିବେ, ଯେତିକି ପ୍ରତିଶୋଧ ନେବେ, ଦଳ ପାଇଁ ସେତେ ଭଲ। କାରଣ ଯାହା ପ୍ରତି ଅନ୍ୟାୟ ହୁଏ, ଲୋକ ତା ପାଖରେ ଛିଡା ହୁଅନ୍ତି । ଦିଲ୍ଲୀପ ରାୟ ଯାଇ ଅମିତ ଶାହାଙ୍କ ସହ ଆଲୋଚନା କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନଙ୍କୁ ପାନେ ଦେବା ପାଇଁ। ବିନ୍ଧୁଏ ବି ବିଜେଡି ସମ୍ପର୍କିତ ନୁହେଁ ।

**ବିଜେଡିକୁ ନେଇ ମିଡ଼ିଆ ଭବିଷ୍ୟବାଣୀ ନକରୁ**

**ବିଜେପି ପ୍ରୀତି ପାଇଁ ବିଜେଡି ଆଜି କ୍ଷତିଗ୍ରସ୍ତ ହୋଇଛି ବୋଲି ଆପଣ ଭାବୁନାହାନ୍ତି କି ?**

ଐତିହାସିକ ସତ୍ୟ ହେଲା ବିଜେଡି ଓଡ଼ିଶାରେ ବିଜେପିର ବଡ଼ଭାଇ ଥିଲା, ଯାହାକୁ ମୁଁ କିମ୍ବା କେହି ବି ଅସ୍ୱୀକାର କରିବେ ନାହିଁ । କିନ୍ତୁ ଏବେ ପାଚେରୀ ଉଠିଛି ମଝି ଦୁଆରୁ ।

**୨୦୨୪ ରେ ଦଳର ପରାଜୟ ପାଇଁ କିଛି ବିଜେଡି ନେତା ପାଣ୍ଡିଆନଙ୍କୁ ଦାୟୀ କରିଛନ୍ତି, ସେ ବିଜେପି ସହ ସମ୍ପର୍କ ରଖି ଦଳ ଓ ଟଙ୍କା ହଡ଼ପ କରିବାକୁ ଯୋଜନା କରୁଛନ୍ତି କି, ଏନେଇ କ'ଣ କହିବେ?**

ଯୋଉ ବିଜେଡି ନେତାମାନେ ବିଭିନ୍ନ କେସ୍‌ରେ ଛନ୍ଦି ହୋଇ ପଡ଼ିଯାଇଥିଲେ, ସେମାନେ ନିଜ କେସ୍, କାରନାମାରୁ ନଜର ହଟେଇବା ପାଇଁ ପାଣ୍ଡିଆନ ଅଷ୍ଟ ପ୍ରହରୀରେ ମାତିଛନ୍ତି। ଆପଣ ବି ଟିକେ ତଳେଇ ଦେଖନ୍ତୁ, ଅତୀତରେ ସେମାନେ ପାଣ୍ଡିଆନଙ୍କ ସବୁଠାରୁ ବଡ଼ ଲାଭାର୍ଥୀ। ସବୁ ନେଇଛନ୍ତି। ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ପାଣ୍ଡିଆନଙ୍କ ଲାଭାର୍ଥୀ ନୁହେଁ କି କେବେ ବି ଭେଟିନି। ଏଇମାନେ ହିଁ ସାର ସାର କହି ଗୋଡାଉଥିଲେ। ଘେରିକି ରହୁଥିଲେ। ବିଡମ୍ବନାର କଥା ହେଲା; ଲାଭାର୍ଥୀମାନେ ଆଜି ରାମଚଣ୍ଡୀଙ୍କୁ ବୁଝାଇ ଦେଉଛନ୍ତି, ପାଣ୍ଡିଆନ ଖରାପ। ଆଖିରେ ଆଙ୍ଗୁଠି ଗେଞ୍ଜି କହୁଛନ୍ତି, କୁଆ ଧଳା। ଯୋଉ ଦିନ ଆପଣ ଓଲଟେଇ ପଚାରି ଦେବେ, "ଆପଣ ତ ସବୁ ନେଲେ, ଫଟୋ ଉଠାଇବାକୁ ଧାଡି ବାନ୍ଧୁଥିଲେ, ତାଙ୍କ ଡ୍ରାଇଭରକୁ ପଇସା ଦେଇ ଆଜି ସାରଙ୍କ ପ୍ରୋଗ୍ରାମ କଣ ବୋଲି ଆସ୍ତେକି ପଚାରୁଥିଲେ, ଏବେ ଓଲଟି ପଡୁଛନ୍ତି କେମିତି? ତାଙ୍କ ସହ ଆପଣଙ୍କ ଫଟୋ ଦେଖାଇବି କି? ଏତିକି ପଚାରିଲେ, କୁକୁର ପଛପାଖେ ପେଟ୍ରୋଲ ପକେଇଲେ ଧାଇଁବା ଭଳି ଲାଭାର୍ଥୀ ଗୋଷ୍ଠୀ ଧାଇଁବେ ।

**ଆପଣଙ୍କର ମିଡ଼ିଆ ଉପରେ ଏତେ ରାଗ କହିଁକି ? ଏ ବିସ୍କୁଟ ମିଡ଼ିଆର ସଂଜ୍ଞା କଣ ?**

ମୋ ବାପା ସମାଜର ବହୁ ପୁରୁଣା ସାମ୍ବାଦିକ, ମୁଁ ସାମ୍ବାଦିକତାରେ ପୋଷ୍ଟ ଗ୍ରାଜୁଏଟ, ମୁଁ ମିଡ଼ିଆକୁ ତୀବ୍ର ଭଲ ପାଏ। କିନ୍ତୁ ଆପଣ କୁହନ୍ତୁ: ଯୋଉଦିନ ଏସ୍‌ସିବି ଆଇସିୟୁରେ ୧୩ ଜଣ ପୋଡିକି ମରୁଛନ୍ତି, ସେଦିନ ସନ୍ଧ୍ୟା ବେଳେ ରାଜ୍ୟସଭା ବିଜୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ଆପଣ ହେଡଲାଇନ କରୁଛନ୍ତି: ଆଜି ଐତିହାସିକ ଦିନ। ମୁଁ ବିସ୍କୁଟ ମିଡ଼ିଆ କହିବି ନା ନାହିଁ ଆପଣ କୁହନ୍ତୁ! ୨୪ ବର୍ଷରେ କୌଣସି ସରକାରୀ ବଡ଼ ମେଡ଼ିକାଲରେ ଜଣିଏ ବି ଆଇସିୟୁରେ ପୋଡି ହୋଇ ମରିନାହାନ୍ତି। ଯୋଉ ଦିନ ୧୩ ଜଣ ମଲେ ସେଦିନ ଆପଣ ଲେଖିବେ ଐତିହାସିକ ଦିନ? ପାଟିରେ ବିସ୍କୁଟ ପଶିଲେ ମଣିଷ ଏମିତି ଗାଁ ଗାଁ ଡାକେ । ବିସ୍କୁଟ ନଥିଲେ, ହାତ କାଟି ହେଡ଼ଲାଇନ ଲେଖିଥାନ୍ତେ, ମୃତ୍ୟୁ ନା ହତ୍ୟା? ଲୋକଙ୍କ ଶୋକ, ଲୋକ ସରକାରର ଉତ୍ସବ! ଏମିତି ନଲେଖିଲେ, ନକହିଲେ ବିସ୍କୁଟ ମିଡ଼ିଆ ଚିଲ୍ଲେଇକି କହିବି ।

**ସୋସିଆଲ ମିଡିଆରେ ଆପଣ ଏବେ ଭାଇରାଲ, ରାଜ୍ୟସଭା ସାଂସଦ ହୋଇ ଆପଣ ଦେଉଥିବା କିଛି ଟିପ୍ପଣୀକୁ ନେଇ ସମାଲୋଚନା କରାଯାଉଛି ।**

ମୁଁ ମିଡ଼ିଆକୁ ଡରେନି କାରଣ ମୋର ସମ୍ପତ୍ତି ୩ କୁକୁର, ୧୮ ବିଲେଇ। ଯାହାର ଥିବ, ସେ ଡରିବ କିମ୍ବା ଯିଏ କଳାଧନକୁ ଲୁଚେଇବାକୁ ଚାହିଁବ, ସେ ମିଡ଼ିଆକୁ ଡରିବ। ମୋର ଡରିବାର ନାହିଁ କି ଛାଡିବାର ନାହିଁ। କଲରା ପିତା କିନ୍ତୁ ଦେହକୁ ହିତ । ୪ର୍ଥ ଷ୍ଟେଜ୍ କ୍ୟାନ୍ସରକୁ ଟିକେ କେମୋ ଡୋଜ ଅଧିକ ଦରକାର। ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମୁଁ ଏକ ସ୍ୱଚ୍ଛ, ନିଷ୍କଳଙ୍କ, ନୈତିକତାପୂର୍ଣ୍ଣ ଜୀବନ ଜୀଇଁଛି। ପଲ୍ଲୀ କବି ନନ୍ଦ କିଶୋରଙ୍କ ପରିବାର ମୋ ବାପଘର। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ବଂଶ ଧର ମୋ ଶାଶୁ । ମର୍ଯ୍ୟାଦାରେ ଜୀବନ ଜୀଇଁଛି ଓ ଜୀଇଁବି। ମାତ୍ର ଜଣେ ନାରୀ ବୋଲି ଆକ୍ଷେପ, ଚରିତ୍ର ହାନିକୁ ସହିବାର ନାହିଁ । ୪ର୍ଥ ଷ୍ଟେଜ୍ କେମୋ ଦେବି ସେମାନଙ୍କୁ ଭଲ କରିବା ପାଇଁ। ନାରୀଙ୍କ ଚରିତ୍ର ନେଇ ଆକ୍ଷେପ କରି ତାଙ୍କୁ ନୀଚ କରିବାର ଅପଚେଷ୍ଟା ଯେଉଁ କିଛି ଜଣ ଲମ୍ପଟ ଆରମ୍ଭ କରିଛନ୍ତି, ତାଙ୍କ ନାଭିରେ ବ୍ରହ୍ମାସ୍ତ୍ର ମାରିବି, ଠିକ ଯେମିତି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ରାବଣ ନାଭିକୁ ବ୍ରହ୍ମାସ୍ତ୍ର ମାରିଥିଲେ।

**ମୁଁ ମିଡ଼ିଆକୁ ଡରିବାର ନାହିଁ କି ଛାଡ଼ିବାର ନାହିଁ**

**ବିଜେଡିରେ ଏବେ ବିଜୁ ପରିବାର ଏକାଠି ହେଉଛନ୍ତି, ଆଗରୁ ବି ଏମିତି ଉଦ୍ୟମ ହୋଇଥିଲା, ହେଲେ ସେତେବେଳେ ନବୀନ ବାବୁ ପାୱାରରେ ଥିଲେ, ନେତା ଡରୁଥିଲେ, ଏବେ କିନ୍ତୁ ଡର ନଥିବା ଭଳି ଲାଗୁଛି?**

ଲୋକଙ୍କୁ ଡରୁଥିଲେ, ଡରିବେ । କାରଣ ଲୋକ ନବୀନ ପଟ୍ଟନାୟକଙ୍କୁ ଭଲ ପାଆନ୍ତି, ୩ ଲକ୍ଷ ଭୋଟ୍ ଅଧିକ ଦେଇଛନ୍ତି । ନବୀନ ପଟ୍ଟନାୟକଙ୍କୁ କହିଲେ ଲୋକ ଉତ୍ତର ଦିଅନ୍ତି । ବିଜୁ ବାବୁଙ୍କ ଆଦର୍ଶକୁ ନବୀନ ବାବୁ କରିକି ଦେଖାଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ବୈଜ୍ଞାନିକ ବାତାବରଣ, ନାରୀ ସଶକ୍ତିକରଣ, ନବୀନ ବାବୁ ପ୍ରତିଷ୍ଠା କରି ବିଶ୍ୱରେ ଓଡ଼ିଶାର ବିଜୟ ବୈଜୟନ୍ତୀ ଉଡାଇଥିଲେ। ଭାରତୀୟ ହକି ଦଳ ଖେଳାଳିଙ୍କ ଛାତିରେ ଯେତେବେଳେ ଓଡ଼ିଶା ଦିଶୁଥିଲା, ଆପଣଙ୍କୁ ଗର୍ବ ଲାଗୁଥିଲା। ଓଡିଶା ଯେତେବେଳେ ଦେଶର ପ୍ରଥମ ଏଆଇ ହବ୍ ଥିଲା, ଆପଣଙ୍କୁ ଗର୍ବ ଲାଗୁନଥିଲା? ସେ ପୁଅ, ବିଜୁ ବାବୁଙ୍କ ଶରୀର ଓ ବିଜୁ ବାବୁଙ୍କ ଚେତନା ଅନୁଯାୟୀ କାମ କରୁଛନ୍ତି । ବିଜୁ ବାବୁଙ୍କ ଶରୀର ଓ ଚେତନା ହିଁ ତ ବିଜୁ ଆଦର୍ଶ ଯାହାର ଜୀବନ୍ତ ବାହକ ହେଲେ ନବୀନ ପଟ୍ଟନାୟକ।

ଏ ଯୋଉ ଦଳଟା ବାହାରିଛନ୍ତି ବେଲୁ ଲିଗାସି। ବିଜୁ ବାବୁଙ୍କ ଦ୍ୱିତୀୟ ପାଳିରେ ଏମାନେ ତାଙ୍କୁ ଯମ ଯନ୍ତ୍ରଣା ଦେଇଛନ୍ତି। ବେହେରା କମିଶନ ରିପୋର୍ଟ ମୁଁ ଖୁବ୍ କମ୍ ଦିନରେ ଖୁଲାସା କରିବି, ଆପଣ ଦେଖିବେ। ଦୁଇ ଜଣ କେମିତି ଦେଶୀ ମଦ ବେପାରୀଠୁ ବଟି ନେଇ ହଜାରେ କଟକ ଲୋକଙ୍କୁ ମାରି ଦେଲେ!

ବିଜୁ ବାବୁ ଏମାନଙ୍କ ଚରିତ୍ର ଜାଣିବା ବେଳକୁ ୧୯୯୫ରେ ଜାନକୀ ବାବୁଙ୍କ ସହ ମିଶି ଡମି କ୍ୟାଣ୍ଡିଡେଟ୍ ଦେଇ ଏମାନେ ହରେଇ ଦେଲେ। ୧୯୯୬ରେ ପୁଣି ସେଇ ଜାନକୀ ବାବୁଙ୍କ ସହ ମିଶି ଘୋଡା ବେପାର କରି ଜନତା ଦଳ କ୍ୟାଣ୍ଡିଡେଟଙ୍କୁ ହରାଇ ଜୟନ୍ତୀ ପଟ୍ଟନାୟକଙ୍କୁ ଜିତାଇଲେ। ବିଜୁ ବାବୁଙ୍କ ଉପରେ ଏମାନଙ୍କ ପ୍ରଚଣ୍ଡ କ୍ରୋଧ ଥିଲା । ବିଜୁ ବାବୁ ଏମାନଙ୍କ ରାଜନୀତି ଚମକେଇବା ପାଇଁ ନିଜ ଜାଗା ଫାଳେ ବିକିଥିଲେ। ନିଜ ପରିବାରକୁ ଚାହିଁନଥିଲେ। ଶେଷ ମୁହୂର୍ତ୍ତରେ ଏମାନେ ବିଜୁ ବାବୁଙ୍କୁ ଘେରିକି ରହିଲେ। କାଶ ଥଣ୍ଡାକୁ ନେଇ ଦିଲ୍ଲୀରେ ଦେଖେଇଲେ ଭଲ ହେଲାନି? ଜଣେ ବାଇ ପାସ ସର୍ଜିରି ରୋଗୀଙ୍କୁ କିଏ ଖୋଇଲା ୨ ଡର୍ଜନ କଦଳୀ? ଏମାନେ ସବୁ ଭୟଙ୍କର ଷଡଯନ୍ତ୍ରକାରୀ । ଏମାନଙ୍କୁ ନବୀନ ବାବୁ ଚିହ୍ନିକି କି ଦୂରେଇ ରଖିଲେ ବୋଲି ଓଡ଼ିଶା ଆଗେଇଲା। ଏମାନେ ନିଜ ପୁଅର, ନାତିର ରାଜନୀତି ଚମକେଇବା ପାଇଁ ବିଜୁ ବାବୁଙ୍କ ନାଁ ବ୍ୟବହାର କରନ୍ତି। ଅସଲିରେ ଏଗୁଡା ଭ୍ରଷ୍ଟ, ବ୍ୟଭିଚାରୀ, ଭୟଙ୍କର ଷଡଯନ୍ତ୍ରକାରୀ, ଓଡ଼ିଶା ବିରୋଧୀ।

**ବାଇପାସ୍ ସର୍ଜିରୀ ରୋଗୀଙ୍କୁ କିଏ ଖୋଇଲା ୨ ଡର୍ଜନ କଦଳୀ ?**

**ବିଜେପି ସହ ରହିବା ହେଲା ଭାଲୁର ଆଲିଙ୍ଗନ**

**ଏବେ ଫାଉଣ୍ଡେସନକୁ ନେଇ କମ୍ପନ ସୃଷ୍ଟି ହେଇଛି ! ଯାହାକୁ ନେଇ ପ୍ରଥମେ ବିଜେଡି ମିଛ କହିଲା, ଶେଷରେ ନବୀନ ସତ କହିବାକୁ ବାଧ ହେଲେ, ଦଳକୁ ଏହା କ୍ଷତି ପହଞ୍ଚାଇବନି କି?**

ଟ୍ରଷ୍ଟ ଏକ ପବ୍ଲିକ୍ ଡକ୍ୟୁମେଣ୍ଟ । ଆପଣ, ମୁଁ ସମସ୍ତେ ଏହା ଦେଖି ପାରିବା । ବିଜେପି, ଆରଏସ୍‌ଏସ୍, କଂଗ୍ରେସ ବହୁ ଟ୍ରଷ୍ଟ କରିଛନ୍ତି । ବିଜେଡି ଗୋଟେ କଲେ, ଆଖିରେ ଶୁଖୁଆ କଣ୍ଟା ଗେଞ୍ଜି ହେଇଯାଉଛି କାହିଁକି? କେହି ମିଛ କହିନାହାନ୍ତି । ଅଜ୍ଞତା ବା ଜାଣି ନଥିବାକୁ ଆପଣ ମିଥ୍ୟାଚାର କହୁଛନ୍ତି । ଯାହାର ଟ୍ରାକ ରେକର୍ଡ ଭଲ, ସେ ନିଶ୍ଚିତ ଭଲ କରିବ । ମୋର ଆପଣଙ୍କୁ ଅନୁରୋଧ, ଆମେ ବିରୋଧୀ ଦଳରେ ଅଛୁ । ଟିକେ ଆମକୁ ଭଲ ପାଆନ୍ତୁ । ମିଥ୍ୟାଚାରୀ, ସ୍ୱେଚ୍ଛାଚାରୀଙ୍କ କଥାରେ ଆଉ ଓଡ଼ିଶାର ଭାଗ୍ୟ ଭବିଷ୍ୟତ ସହ ଖେଳନ୍ତୁ ନାହିଁ । ହେଇ ଗଲା, ବହୁତ ହେଇଗଲା ।

**ଇଣ୍ଡି ମେଣ୍ଟ ଆଡ଼କୁ ଢଳୁଛି କି ବିଜେଡି?**

ବିଜେପି ସହ ରହିବା ହେଲା ଭାଲୁର ଆଲିଙ୍ଗନ। ଏମାନେ ଆପଣଙ୍କୁ ଆଲିଙ୍ଗନ କରି ପଛରୁ ବିଦାରି ଦେବେ । କେମିତି ନୀତିଶ କୁମାରଙ୍କୁ ବିଦାରି ଦେଲେ ଆପଣ ଦେଖିଲେ ତ! ତେଣୁ ଏମାନଙ୍କୁ ଜବରଦସ୍ତ ବିରୋଧ କରିବୁ । ତାପରେ ଏମାନେ ପ୍ରତି ଆକ୍ରମଣ କଲେ, ବିଜେଡିରୁ ଅଳିଆ ସଫା ହେବେ । ଗୋଟେ ସଫା ବିଜେଡିକୁ ଓଡିଶା ଲୋକ ନିଜ ଘର ଲୋକ କହି ମୁଣ୍ଡରେ ବସେଇବେ।

# ବବି ଦାସ ପାଇଲେ କ'ଣ ?



୨୦୦୮ ଡିସେମ୍ବର ୩୦। ଯାଜପୁର ରାଜନୀତିର ବାଘ କୁହାଯାଉଥିବା ଅଶୋକ ଦାସଙ୍କର ମୃତ୍ୟୁ ହୋଇଗଲା। ଅଶୋକ କୋରେଇରୁ ୬ ଥର ଜିତିଥିଲେ। ହେଲେ ବିଜୁ ପରିବାରର ଅନେକ ସଦସ୍ୟ ବିଜୁ ଜନତା ଦଳରେ ସାମିଲ୍ ହୋଇଥିଲେବି ଅଶୋକ କିନ୍ତୁ ଯାଇନଥିଲେ। କିନ୍ତୁ ଶେଷ ସମୟରେ ପୁଅ ପ୍ରଣବ ପ୍ରକାଶ ଦାସ ରାଜନୀତିକୁ ଆସନ୍ତୁ ବୋଲି ସେ ଚାହୁଁଥିଲେ। ଅଶୋକଙ୍କ ପରଲୋକ ପରେ ନବୀନ-ପ୍ୟାରୀଙ୍କ ପରାମର୍ଶ କ୍ରମେ ବବି ଦାସ ବିଜେଡ଼ିରେ ସାମିଲ୍ ହୋଇଥିଲେ। ୨୦୦୯ ନିର୍ବାଚନ ବେଳକୁ ବିଜେଡ଼ି-ବିଜେପି ମେଣ୍ଟ ଭାଙ୍ଗି ଯାଇଥିଲା ଆଉ ଯାଜପୁର ବିଧାନସଭା ଆସନଟି ଅଣସଂରକ୍ଷିତ ହୋଇ ଯାଇଥିଲା। ବାସ୍ତବରେ ଅଶୋକଙ୍କର ଯାଜପୁରରେ ମଜବୁତ୍ ସଂଗଠନ ଥିଲେବି ସଂରକ୍ଷିତ ଥିବା କାରଣରୁ ସେ ବାଧ ହୋଇ କୋରେଇରୁ ଲଢୁଥିଲେ। ତେଣୁ ପ୍ରଥମ ଥର ପାଇଁ ଯାଜପୁରରୁ ଲଢ଼ିବାର ସୁଯୋଗ ପାଇଥିଲେ ବବି। ବିଜେଡ଼ିର ହାୱା, ଅଶୋକଙ୍କ ବ୍ୟକ୍ତିଗତ ସଂଗଠନ କାରଣରୁ ବବି ଆରାମରେ ବାଜିମାତ୍ କରିଥିଲେ। ଏହାପରେ ସେ ବିଜେଡ଼ି ରାଜନୀତିରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ପାୱାରଫୁଲ୍ ହୋଇଯାଇଥିଲେ। ବୋଧହୁଏ ପ୍ୟାରୀ ଏକାଡ଼େମୀର ନେତାମାନଙ୍କ ଉପରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ସନ୍ଦେହ ଥିବାରୁ ବବି ଦାସଙ୍କୁ ହିଁ ନବୀନ ବାବୁ ବେଶୀ ଭଲ ପାଉଥିଲେ। ଏମିତିବି ତାଙ୍କର ବିରୋଧୀ ହୁଅନ୍ତୁ ବା ସମର୍ଥକ, ବବିଙ୍କୁ ସମସ୍ତେ ଦୃଢ଼ ସଂଗଠକ ଓ ପରିଶ୍ରମୀ ବୋଲି ଜାଣନ୍ତି ।

**ବିଜେଡ଼ିର ହାୱା, ପିତା ଅଶୋକ ଦାସଙ୍କ ବ୍ୟକ୍ତିଗତ ସଂଗଠନ କାରଣରୁ ବାଜିମାତ୍ କରି ବିଜେଡ଼ି ରାଜନୀତିରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ପାୱାରଫୁଲ୍ ହୋଇଯାଇଥିଲେ ବବି ଦାସ। ପ୍ୟାରୀ ଏକାଡ଼େମୀର ନେତାମାନଙ୍କ ଉପରେ ବିଜେଡ଼ି ସୁପ୍ରିମୋ ନବୀନଙ୍କର ସନ୍ଦେହ ଥିବାରୁ ବବିଙ୍କୁ ହିଁ ନବୀନ ବାବୁ ବେଶୀ ଭଲ ପାଉଥିଲେ। ଏମିତିବି ବିରୋଧୀ ହୁଅନ୍ତୁ ବା ସମର୍ଥକ, ବବିଙ୍କୁ ସମସ୍ତେ ଦୃଢ଼ ସଂଗଠକ ଓ ପରିଶ୍ରମୀ ବୋଲି ଜାଣନ୍ତି।**

୨୦୨୦ ମାର୍ଚ୍ଚ ୫। ସେଦିନ ଥିଲା ବିଜୁ ଜୟନ୍ତୀ। ଏହିଦିନଟି ଥିଲା ବବି ଦାସଙ୍କର ଉତ୍ତରଣର ଦିନ। ବିଜେପି ଢାଞ୍ଚାରେ ବିଜେଡ଼ିରେ ନବୀନ ବାବୁ ସାଧାରଣ ସମ୍ପାଦକ (ସଂଗଠନ) ପଦବୀଟିଏ ସୃଷ୍ଟିକରି ବବିଙ୍କୁ ଅବସ୍ଥାପିତ କରିଥିଲେ। ନବୀନଙ୍କ ପରେ ସେ ପାଲଟିଗଲେ ଦଳର ନମ୍ବରଟୁ। ୨୦୧୯ ନିର୍ବାଚନରେ ନବୀନଙ୍କ ବିଜୟ ପାଇଁ ତାଙ୍କୁ ଏମିତି ପୁରସ୍କାର ମିଳିଥିଲା। ମନ୍ତ୍ରୀ ହୁଅନ୍ତୁ କି ନେତା, ଯନ୍ତ୍ରୀ ହୁଅନ୍ତୁକି ଅଫିସର, ସମସ୍ତେ ବବିଙ୍କୁ ମାନିବାକୁ ବାଧ ହୋଇଥିଲେ। ଗାଏମୋଟ୍ କହିଲେ ନବୀନ ବାବୁ ସବୁ ସାଂଗଠନିକ ଦାୟିତ୍ୱ ବବିଙ୍କ ଉପରେ ନ୍ୟସ୍ତ କରିଥିଲେ। ପାଣ୍ଡିଆନ୍ ସରକାର ଓ ବବି ହିଁ ଦଳ ଚଳାଉଥିଲେ। ଦୁହିଁଙ୍କ ଯୁଗଳବନ୍ଦୀ ଓ ରଣନୀତି ବି ବିଜେଡ଼ିକୁ ୨୦୨୨ ନିର୍ବାଚନରେ ଆଶାତୀତ ସଫଳତା ମିଳିଥିଲା। ସାରା ରାଜ୍ୟରେ ବିଜେଡ଼ି ନେତାମାନେ ନବୀନଙ୍କ ସହ ବବି ଦାସଙ୍କ ଫଟୋବି ବ୍ୟାନରରେ ଲଗାଇଥିଲେ। ବବି ସାଂଗଠନିକ ଦାୟିତ୍ୱରେ ବ୍ୟସ୍ତ ଥିବାରୁ ସେ ମନ୍ତ୍ରୀ ପଦ ଚାହିଁନଥିଲେ। ପାଣ୍ଡିଆନ୍ ଯେଉଁ ରଣନୀତି କରୁଥିଲେ ବବି ଦାସ ତାହାକୁ ସୂଚାରୂରୂପେ ସମ୍ପାଦିତ କରିଥିଲେ। ପରେ ପରେ ଫାଇଭଟି ସଚିବ ଭିକେ ପାଣ୍ଡିଆନ୍ ବିଭିନ୍ନ ନିର୍ବାଚନମଣ୍ଡଳୀ ବୁଲିଲେ। ପାଣ୍ଡିଆନ୍ ସିଏମଓ ନାଁରେ ପେଖନା କରି ନିଜର ଲୋକପ୍ରିୟତା ବଢ଼ାଇବାକୁ ଚାହୁଁଥିଲେ। ଫଇସଲା ଅନ ଦ ସ୍ପଟ ନ୍ୟାୟରେ ପାଣ୍ଡିଆନ୍ ଚାହିଁଲେ ସବୁ କିଛି ସମ୍ଭବ ବୋଲି ବାର୍ତ୍ତାଟିଏ ବି ଗଲା। ତଥାପିବି ବବିଙ୍କର ଟେନସନ ନଥିଲା, କାହିଁକିନା ବବି ଦଳର ନମ୍ବର ଟୁ' ଥିଲେ।

୨୦୨୩, ନଭେମ୍ବର ୨୭। ସମସ୍ତଙ୍କୁ ଚକିତ କରି ଭିକେ ପାଣ୍ଡିଆନ୍ ବିଜୁ ଜନତା ଦଳରେ ସାମିଲ୍ ହୋଇଗଲେ। ବବି ହିଁ ତାଙ୍କ ଛାତିରେ ଶଙ୍ଖ ଚିହ୍ନର କ୍ଲିପ୍ ଲଗାଇ ଦେଇଥିଲେ । ବାସ୍ ସେଇ ପିନଟି ପାଣ୍ଡିଆନଙ୍କ ବଦଳରେ ବବିଙ୍କ ପାଇଁ ହିଁ କଣ୍ଟା ପାଲଟି ଯାଇଥିଲା। ବବିଙ୍କ ଆଖି ଆଗରେ ବ୍ୟାନର ପୋଷ୍ଟରରେ ତାଙ୍କ ଫଟୋ ଛୋଟ ହୋଇଗଲା। ନବୀନ ଓ ପାଣ୍ଡିଆନଙ୍କ ବଡ଼ ବଡ଼ ହୋର୍ଡ଼ିଂ ଲାଗିଗଲା। ସେଇ କାର୍ତ୍ତିକ ପୂର୍ଣ୍ଣିମାରୁ ବବିଙ୍କ ବିଜେଡ଼ି ରାଜନୀତି ପକ୍ଷଛଡ଼ା ହେବା ଆରମ୍ଭ କରିଥିଲା। ୨୦୨୪ ନିର୍ବାଚନ ବେଳେ ଏକୁଟିଆ ଷ୍ଟାର କ୍ୟାମ୍ପେନର ପାଲଟିଗଲେ ଭିକେ ପାଣ୍ଡିଆନ୍। ନିର୍ବାଚନ ପୂର୍ବରୁ ବବିଙ୍କୁ ଚେକ୍ ଦେବା ପାଇଁ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଲଗାଇ କୋରେଇରେ ପାଣ୍ଡିଆନ୍ ହିଁ ବିଭ୍ରାଟ୍ ଆରମ୍ଭ କରିଦେଲେ। କାହିଁକିନା ବବି ସେତେବେଳେ ଯାଜପୁର ସହ ନିଜ ଭାଇଙ୍କ ପାଇଁ କୋରେଇ ଟିକେଟ୍ ନେବାକୁ ଚାହୁଁଥିଲେ। ଆମେ ଏଇଥିପାଇଁ ଏକଥା କହୁଛୁ, ପାଣ୍ଡିଆନ୍ ନଚାହିଁଥିଲେ ଡାନିଙ୍କ ଅଭିନେତ୍ରୀ ପତ୍ନୀ ଝିଲିକ୍ କୋରେଇରେ ବୁଲି ନେତ୍ରୀ ହେବାକୁ ଚାହିଁନଥା'ନ୍ତେ କି ବବି ଦାସଙ୍କୁ ଚ୍ୟାଲେଞ୍ଜ ଦେବାର ସାହାସ ଜୁଟେଇନଥା'ନ୍ତେ। କିନ୍ତୁ ବବିଙ୍କୁ ନବୀନ ଭଲ ପାଉଥିବାରୁ ପାଣ୍ଡିଆନ୍‌ଙ୍କ ସେହି ଗୋଟିଚାଳନା ସଫଳ ହୋଇନଥିଲା। ତଥାପିବି ଭିତରେ ଭିତରେ ବବିଙ୍କ ଚେର କାଟିବାକୁ ପାଣ୍ଡିଆନ୍ କତୁରୀ ସଜାଡୁଥିଲେ। ସମ୍ବଲପୁରରେ ବିଜେପିର ସ୍ଥିତି ଭଲ ଥିଲା ବୋଲି ପାଣ୍ଡିଆନ୍ ଜାଣିଥିଲେ। ପୁଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ, ଯିଏକି ରାଜ୍ୟ ବିଜେପିର ପୋଷ୍ଟର ବୟ। ବିନା ଅଙ୍କରେ ଧର୍ମେନ୍ଦ୍ର ସେଠାରୁ ଲଢ଼ି ହିଁ ନଥା'ନ୍ତେ। ପାଣ୍ଡିଆନ୍ ସବୁ ଜାଣିଥିଲେବି ବବିଙ୍କୁ ଖାଇକୁ ଠେଲି ଦେଇଥିଲେ। ବବି ବି ବାହାଦୂରୀ ଦେଖାଇ ବିନା ଅଙ୍କରେ ଡେଇଁପଡ଼ିଲେ। ସେ ବୁଝିପାରିଲେନି, ପାଣ୍ଡିଆନ୍ ହିଁ ଚାହୁଁଥିଲେ ବବି ଦାସ ବିଧାନସଭାକୁ ନଆସନ୍ତୁ। ତେଣୁ ତାଙ୍କୁ ସମ୍ବଲପୁରରୁ ଲୋକସଭା ଟିକେଟ୍ ଦିଆଗଲା। ଫଳ ଯାହାହେବାର ଥିଲା, ସେଇଆ ହିଁ ହେଲା। କେବଳ ଧର୍ମେନ୍ଦ୍ରଙ୍କୁ ସମ୍ବଲପୁର ଭିତରେ ସୀମିତ ରଖିବା ପାଇଁ ବବି ଦାସଙ୍କୁ ବଳିବୋଦା ସଜାଇଦେଲେ ପାଣ୍ଡିଆନ୍।

୨୦୨୪ରେ ବିଜେଡ଼ି ଅପ୍ରତ୍ୟାଶିତ ଭାବେ ହାରିଗଲା। ଏହାପରେ ଦଳରେ ବବି-ପାଣ୍ଡିଆନ୍‌ଙ୍କ ବିରୋଧରେ ଝଡ଼ ସୃଷ୍ଟିହେଲା। ବବିଙ୍କ ଅପେକ୍ଷା ପାଣ୍ଡିଆନ୍‌ଙ୍କ ଉପରେ ଅଧିକ ରୋଷ ଝାଡ଼ିଥିଲେ ବିଜେଡ଼ି ନେତା ଓ କର୍ମୀ। ହେଲେ ନବୀନ ସେତେବେଳେ ପାଣ୍ଡିଆନଙ୍କ ପାଇଁ ଅଣ୍ଟା ଭିଡ଼ିଥିଲେ। ପାଣ୍ଡିଆନଙ୍କୁ ନିର୍ଦ୍ଦୋଷ ସଜାଇବାକୁ ନବୀନ ବ୍ୟାଟିଂ କରିଥିଲେବି ବବିଙ୍କ ପାଇଁ ପଦୁଟିଏ କହିନଥିଲେ। ଏହା ପରେପରେ ପାଣ୍ଡିଆନ୍ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଗଲେ, ସେପଟେ ବବିଙ୍କ ସାଂଗଠନିକ ସମ୍ପାଦକ ପଦବୀ ବି ପଳାଇଗଲା। ସେତେବେଳକୁ ପାଣ୍ଡିଆନ୍ କିନ୍ତୁ ନବୀନଙ୍କ ହୃଦୟରେ ଘରଟିଏ କରି ସାରିଥିଲେ। ସେ ଅଦୃଶ୍ୟରେ ରହି ଗୋଟି ଚଳାଇବାରେ ଲାଗିଲେ। ବବିଙ୍କ ଦବଦବା, କ୍ଷମତା ବି କମିକମି ଚାଲିଲା। ତଥାପିବି ରାଜ୍ୟସଭା ନିର୍ବାଚନରେ ନବୀନ ବାବୁ ତାଙ୍କୁ ଟିକେଟ୍ ଦେବେବୋଲି ବବି ଭାବିଥିଲେ ।


୨୦୨୬, ଫେବୃଆରୀ ୨୮ । ନବୀନ ନିବାସରେ ନବୀନ ବାବୁ ସଂତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ବୋଲି ଘୋଷଣା କଲେ। ଯାହାକି ବବି ଦାସଙ୍କୁ ବେଶୀ ଆଘାତ ଦେଇଥିଲା। ସେହିଦିନ ହିଁ ଦଳ ପାଣ୍ଡିଆନଙ୍କ ହାତକୁ ସମ୍ପୂର୍ଣ୍ଣ ଭାବେ ଚାଲି ଯାଇଥିବା ବବି ଦାସ ଅନୁଭବ କରିଥିଲେ। ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ବବି ଦାସ ଅହରହ ପରିଶ୍ରମ କରିଥିଲେ। ସାରା ରାଜ୍ୟ ବୁଲିଥିଲେ। ଗୋଟିଏ ଦିନରେ ତିନି ଜିଲ୍ଲା ଯାଇ ନେତାଙ୍କୁ ଭେଟିବାର ବି ନଜିର ରହିଛି। ହେଲେ ଫାଇଭ-ଟି ସଚିବ ଓ ଅଧ୍ୟକ୍ଷ ମିଡ଼ିଆରେ ବହୁଳ ପ୍ରଚାରିତ ହୋଇଥିବାବେଳେ ବବି କିନ୍ତୁ ନେପଥ୍ୟର ନାୟକ ପାଲଟି ଯାଇଥିଲେ । ବିଜେପି ଆଇଟି ସେଲ୍ ଓ ନେତାମାନେ ତାଙ୍କୁ ଟ୍ରାଫିକ୍ ପୁଲିସ୍, ଟେଣ୍ଟ ବନ୍ଧାଳୀ ଓ କ୍ରୀତଦାସ ବୋଲି କହି ଟାହିଟାପରା କଲେ । ତଥାପିବି ଦଳ ପାଇଁ ସେ ପାଣ୍ଡିଆନଙ୍କ ଜନଶୁଣାଣୀ ବେଳେ ଦୁଆର ମୁହଁରେ ଦ୍ୱାରପାଳ ବି ସାଜିଥିଲେ। ହେଲେ ଆଜି ବବି ଦାସଙ୍କ ସମର୍ଥକମାନେ ପଚାରୁଛନ୍ତି, ବବି ଦାସ ପାଇଲେ କ'ଣ ?

ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଅନ୍ୟ ବରିଷ୍ଠ ନେତାଙ୍କ ଭଳି ବବି ଦାସଙ୍କର ଦେଖାଦର୍ଶନ ବି କେହି ପାଇଲେନି। କାହିଁକିନା, ସେଇ ଶକ୍ତ ଆଘାତରୁ ସେ ମୁକୁଳି ପାରିନାହାନ୍ତି। ବିଜେଡ଼ିର କେତେକ ନେତାଙ୍କ ମତରେ ରାଜ୍ୟସଭା ନିର୍ବାଚନ ବେଳେ ଯଦି ଦଳ ତାଙ୍କୁ ଟିକେଟ୍ ଦେଇଥା'ନ୍ତା, ତେବେ ଆଜି ଏତେ ଘୋଡ଼ା ବିଜେଡ଼ି ଛାଡ଼ି ବିଜେପିକୁ ଯାଇନଥା'ନ୍ତେ। କିନ୍ତୁ ଦଳ ଦାୟିତ୍ୱ ନଦେବାରୁ ସେ ନୀରବ ରହିଗଲେ। ଯାହାର ଫଳ ଆଜି ବିଜେଡ଼ି ଭୋଗୁଛି ।

**ଯାଜପୁର କଂଗ୍ରେସ ରାଜନୀତି**

# ବଡ଼ ମୁଣ୍ଡ ଖୋଲୁ ନାହାନ୍ତି ତୁଣ୍ଡ

**ଯାଜପୁରରୁ ବିକ୍ରମ କେଶରୀ ବିଶ୍ୱାଳ**



ରାଜ୍ୟ ରାଜନୀତିରେ ସବୁବେଳେ ଯାଜପୁର ନେତାଙ୍କର ଦବଦବା ରହି ଆସିଛି । ଯେଉଁ ଦଳ ହେଉନା କାହିଁକି, ପାୱାର କୋଟରୀରେ ଯାଜପୁରିଆ ନେତାଙ୍କୁ ଦେଖିବାକୁ ମିଳେ । ୧୯୮୦ ଦଶକରେ କଂଗ୍ରେସ କ୍ଷମତାରେ ଥିବାବେଳେ ସର୍ବକନିଷ୍ଠ ମନ୍ତ୍ରୀ ଭାବରେ ଶରତ ରାଉତ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ। ବଡ଼ଚଣାର ତତ୍କାଳୀନ ବିଧାୟକ ସୀତାକାନ୍ତ ମହାପାତ୍ର ମଧ୍ୟ ମନ୍ତ୍ରୀ ପଦ ପାଇଥିଲେ। କୋରେଇରୁ ରାମଚନ୍ଦ୍ର ଖୁଣ୍ଟିଆ ନିର୍ବାଚିତ ହୋଇ ଉପମୁଖ୍ୟ ସଚେତକ ହେବା ସହ ଏକାଧିକ ବାର ରାଜ୍ୟସଭାକୁ ଯିବାର ବି ସୌଭାଗ୍ୟ ପାଇଛନ୍ତି। ଜାତୀୟସ୍ତରରେ ବି ରାମଚନ୍ଦ୍ରଙ୍କର ଧାକ୍ ରହିଛି ।

ସେ କାଳ ପଖାଳ ଆଉ ଏବେ ନାହିଁ । ୨୪ ବର୍ଷ ନିରଙ୍କୁଶ ଶାସନ କ୍ଷମତା ବିଜୁ ଜନତା ଦଳ ହାତରେ ରହିଲା। ୨୦୨୪ରୁ ବିଜେପି ହାତରେ ଶାସନ ଭାର। ଫଳରେ କଂଗ୍ରେସ ନେତାଙ୍କ ସଂଗଠନ, କ୍ଷମତା ସବୁ ଘୁଣ ଖାଇଯାଇଛି। ସର୍ବପୁରାତନ ଦଳ ଏବେ ଦ୍ୱିତୀୟ ସ୍ଥାନରୁ ଖସି ତୃତୀୟ ସ୍ଥାନରେ। ପିସିସି ସଭାପତି ରାଜ୍ୟ ସ୍ତରରେ ଶାସକ ଦଳକୁ ଘେରିବାକୁ ଚେଷ୍ଟା କରୁଥିବା ବେଳେ ତଳ ସ୍ତରରେ କିନ୍ତୁ ତାହା ପ୍ରତିଫଳିତ ହୋଇପାରୁନାହିଁ। ୨୦୧୪ ଲୋକସଭା ନିର୍ବାଚନରେ ଜାତୀୟ କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ ୨୨.୫ ପ୍ରତିଶତ ଭୋଟ ପାଇ ୨ୟ ସ୍ଥାନରେ ଥିବାବେଳେ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମାନସ ଜେନା ଓ ତାହା ଖସି ହେଲା ୭.୬ ପ୍ରତିଶତ । ଏବେର ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ଅଞ୍ଚଳ ଦାସ। କିନ୍ତୁ ଅତି ଶୋଚନୀୟ ଭାବେ ମାତ୍ର ୫୩୧୪୫ ଖଣ୍ଡ, ଅର୍ଥାତ ୪.୫୮ ପ୍ରତିଶତ ଭୋଟ ପାଇବାକୁ ସକ୍ଷମ ହେଲେ। ମୋଟାମୋଟି ଭାବେ ଜିଲ୍ଲାରେ କଂଗ୍ରେସ ଏବେ ଦୁର୍ବଳକୁ ଠେଲିହେଉଛି।

କିଛି ଦିନ ପୂର୍ବେ ଜିଲ୍ଲା ସଭାପତି ଭାବେ ମାଗୁଣି ଜେନା ମନୋନୀତ ହୋଇଛନ୍ତି। କିନ୍ତୁ ପୂର୍ବରୁ ସେ ଏତେ ଜଣାଶୁଣା ନଥିଲେ କିମ୍ବା କୌଣସି ସାଙ୍ଗଠନିକ ପଦବୀରେ ନଥିଲେ। ସଂଗଠନର ଅଗ୍ରଗତି ପାଇଁ ସେ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ କରି ପାରୁନାହାନ୍ତି। ଜିଲ୍ଲାର ଅନେକ ଦାବିଦାର ଯେପରିକି ବିଦ୍ୟାଧର ମହାନ୍ତି, ସନ୍ତୋଷ ନନ୍ଦ, ଶ୍ରୀନାଥ ମିଶ୍ର ଥିବାବେଳେ, ଭକ୍ତ ଦାସ ମାଗୁଣୀଙ୍କ ଉପରେ ଭରସା କରିଥିଲେ। ଜିଲ୍ଲାର କୌଣସି ବଡ ବଡ ମୁଣ୍ଡ ତାଙ୍କୁ ଆନ୍ତରିକ ସହଯୋଗ କରୁନଥିବା ଦେଖିବାକୁ ମିଳୁଛି । ଜିଲ୍ଲାର ଅନ୍ୟତମ ଚେହେରା ହେଲେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା। ସେ କୋରେଇ ନିର୍ବାଚନମଣ୍ଡଳୀରୁ ୨ ଥର ପ୍ରାର୍ଥୀ ହୋଇଛନ୍ତି । ୨୦୧୯ରେ ପାଖାପାଖି ୨୮ ହଜାର ଭୋଟ ପାଇଥିବା ବେଳେ ୨୦୨୪ ମସିହା ବେଳକୁ ତାହା ଖସି ମାତ୍ର ୮ ହଜାରରେ ସୀମିତ ରହିଯାଇଛି ।ଆଉ କୌଣସି ଦଳୀୟ କାର୍ଯ୍ୟକ୍ରମରେ ବିଶେଷ ଭାବେ ତାଙ୍କୁ ଦେଖିବାକୁ ମିଳୁନାହିଁ । ସଂଗଠନ ପ୍ରତି ତାଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉନାହିଁ। ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ନେତୃତ୍ୱରେ ସୁକିନ୍ଦା କଂଗ୍ରେସ ପରିଚାଳିତ ହେଉଥିବାବେଳେ ସେ ସୁକିନ୍ଦାର ସଂଗଠନ ସୁଦୃଢ ପାଇଁ ସେତେଟା ପଦକ୍ଷେପ ନେବାଭଳି ଲାଗୁନାହିଁ। ଅଞ୍ଚଳରେ ବି ବିଶେଷ ଦେଖା ଯାଉନାହାନ୍ତି । ୨୦୦୯ରେ ପ୍ରଫୁଲ୍ଲ ଘଡ଼େଇଙ୍କ ନିଦ ହଜାଇ ଦେଇଥିବା ଶରତ ୨୦୨୪ରେ ପ୍ରାର୍ଥୀ ହେବାକୁ ବି ଡରିଥିଲେ। ଫଳରେ ସୁକିନ୍ଦାରେ ଦଳ ମାତ୍ର ୨% ଭୋଟରେ ସୀମିତ ରହି ଯାଇଥିଲା। ସୁକିନ୍ଦାରୁ ଲଢ଼ିଥିବା ତାଙ୍କ ମନୋନୀତ ପ୍ରାର୍ଥୀ ବିଭୁ ଭୂଷଣ ରାଉତଙ୍କୁ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁନାହିଁ ।

ଜିଲ୍ଲାର ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ କୋରେଇରୁ ପ୍ରତିନିଧିତ୍ୱ କରିଥିଲେ । ଦିଲ୍ଲୀ ରାଜନୀତିରେ ବି ତାଙ୍କର ଦବଦବା ରହିଛି । ହେଲେ ଜିଲ୍ଲାରେ ଦଳର କାୟାକଳ୍ପ ବୃଦ୍ଧି ପାଇଁ ତାଙ୍କର ସେପରି ଯୋଜନା ନାହିଁ କିମ୍ବା ସେ କେବେ କୋରେଇ ଓ ଯାଜପୁରରେ ରହନ୍ତି ନାହିଁ । ଭୁବନେଶ୍ୱର ସଭାସମିତି ଓ ଦଳୀୟ କାର୍ଯ୍ୟାଳୟରେ କେବେ କେବେ ଦେଖିବାକୁ ମିଳେ। ବନ୍ଦିତା ହୁଅନ୍ତୁ କି ଶରତ କି ରାମଚନ୍ଦ୍ର କିଏ ବି ଶାସକ ଦଳର ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିବାକୁ ଉଚିତ୍ ମଣୁନାହାନ୍ତି।

ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଲୁଟ, ବିଜୁଳି ସମସ୍ୟା, କୃଷି ଓ କୃଷକ ଏବଂ ମଣ୍ଡିରେ ନାହିଁନଥିବା ଅସୁବିଧା, ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗରେ ହରିଲୁଟ, ମନରେଗାରେ ମେସିନ କାମ କରିବା, ଭତ୍ତାରୁ ହଜାର ହଜାର ବୃଦ୍ଧ ବୃଦ୍ଧା ବଞ୍ଚିତ ଭଳି ଗଦାଗଦା ପ୍ରସଙ୍ଗ ରହିଛି। ହେଲେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ କାଣିଚାଏ ପଦକ୍ଷେପ ନନେବା ସମସ୍ତଙ୍କୁ ଚକିତ କରିଛି। ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀମାନଙ୍କ ଭୋଟ ସଂଖ୍ୟା ନ କହିବା ଭଲ । ଅନେକ ପ୍ରାର୍ଥୀ ତାଙ୍କ ଅମାନତ ହରାଇଛନ୍ତି। ତଥାପିବି କଂଗ୍ରେସ ନେତାଙ୍କ ନିଦ ଭାଙ୍ଗୁନାହିଁ।

ତେବେ ଏହାରି ଭିତରେ ମହମ୍ମଦ ମୋକିମଙ୍କ ଓଡିଶା ଜନତା କଂଗ୍ରେସ ଦଳ ଗଠନ ପରେ ଅନେକ ସେପଟକୁ ଢଳିଲେଣି । କୋରେଇର ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି ମଧ୍ୟ ଯୋଗାଯୋଗରେ ଅଛନ୍ତି। କିଛିଦିନ ପୂର୍ବେ ବନ୍ଧୁମିଳନ ଆଳରେ ମୋକିମଙ୍କ ନେତୃତ୍ୱରେ କୁଆଖିଆରେ ଅନେକ ପୁରୁଖା କଂଗ୍ରେସ କର୍ମୀ ଏକତ୍ରିତ ହୋଇଥିଲେ। ସେମାନେ କୌଣସି ମୁହୂର୍ତ୍ତରେ ମଧ୍ୟ ଦଳ ଛାଡି ମୋକିମଙ୍କ ନୂଆ ଦଳରେ ସାମିଲ ହୋଇପାରନ୍ତି। ବରିଷ୍ଠ ହୁଅନ୍ତୁ କି ଯୁବ ଅବା ଛାତ୍ର ସଂଗଠନ ସବୁଯେମିତି କୋମାରେ ରହିଛି। ଫଳରେ ଆଗାମୀ ଦିନରେ ଜିଲ୍ଲାରେ କେବଳ ବିଜେଡ଼ି ଓ ବିଜେପି ହିଁ ମୁହାଁମୁହିଁ ହେବେ। କଂଗ୍ରେସ କେବଳ ନାଁକୁ ମାତ୍ର ନିର୍ବାଚନ ଲଢ଼ିବ ବୋଲି କହିଲେ ଭୁଲ୍ ହେବନାହିଁ ।

## ଯାଜପୁରରୁ ମୋକିମଙ୍କ ଅଭିଯାନ

ମହମ୍ମଦ ମୋକିମଙ୍କ ନୂଆ ଦଳ 'ଓଡ଼ିଶା ଜନତା କଂଗ୍ରେସ' ଏଯାଏଁ ବିଧିବଦ୍ଧ ଭାବେ ଆରମ୍ଭ ହୋଇନି। ନିର୍ବାଚନ କମିଶନ ବି ଗ୍ରୀନ ସିଗନାଲ ଦେଇନାହାନ୍ତି। ଖାଲି ପତାକା ଯାହା ଉନ୍ମୋଚିତ ହୋଇଛି। ହେଲେ ଯାଜପୁରରେ 'ମିଶ୍ରଣ ପର୍ବ'ରୁ ମୋକିମ୍ ନୂଆ ଦଳର ଅଭିଯାନ ଆରମ୍ଭ କରିଛନ୍ତି। ଯାଜପୁରର ଧର୍ମଶାଳା ଭବନଠାରେ କେତେକ ନେତା ଓ କର୍ମୀ ମୋକିମଙ୍କ ଦଳରେ ସାମିଲ୍ ହୋଇଛନ୍ତି। ଦଳର ତିନି ରଙ୍ଗୀ ଗାମୁଛା ପକାଇ ମୋକିମ୍ ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ କର୍ମୀ ସମ୍ମିଳନୀ ଓ ପଦଯାତ୍ରା ବି କରାଯାଇଥିଲା। ରାଜ୍ୟ ରାଜନୀତିରେ ଯାଜପୁରର ସବୁବେଳେ ଧାକ୍ ରହିଛି। ଯାଜପୁର ନେତା ହିଁ ରାଜ୍ୟ ରାଜନୀତିର ମଙ୍ଗ ସମ୍ଭାଳୁଥିବା ଗଦାଏ ନଜିର ରହିଛି। ବୋଧହୁଏ ସେଥିପାଇଁ ମୋକିମ୍ ଯାଜପୁରରୁ ଅଭିଯାନ ଆରମ୍ଭ କରିଛନ୍ତି ।



ସର୍ବୀତ ଓଡ଼ିଆ

# ଆସାମ ଅଙ୍କ (୧)

# ଭୂଗୋଳ ଓ ଭାଷା

**ଆସାମର ୧୨୬ ବିଧାନସଭା ଆସନ; ବ୍ରହ୍ମପୁତ୍ର ଭ୍ୟାଲି, ବାରାକ ଭ୍ୟାଲି, ପାର୍ବତ୍ୟ ଜିଲ୍ଲା ଓ ବୋଡ଼ୋଲାଣ୍ଡ ଟେରିଟୋରିଆଲ ରିଜିଅନ୍ ଭିତ୍ତିରେ ବିଭକ୍ତ ହୋଇଛି। ସେଠାକାର ଭୋଟିଂ ପାଟର୍ଣ୍ଣ ବା ଭୋଟ୍ ସମୀକରଣ ଭିନ୍ନଭିନ୍ନ। ଖାଲି ଅଞ୍ଚଳ ଭିତ୍ତିରେ ନୁହେଁ, ଆସାମୀୟ ଭୋଟର, ସଂଖ୍ୟାଲଘୁ (ଦୁଇ ଭାଗରେ ବିଭକ୍ତ, ବଙ୍ଗ ଭାଷୀ ମୁସଲିମ୍ ଓ ଆସାମୀୟ ମୁସଲିମ୍), ଚା' ବଗିଚା ଅଞ୍ଚଳରେ ଥିବା ଆଦିବାସୀ, ମୂଳ ଆଦିବାସୀ ଭୋଟରଙ୍କ ମତିଗତି ଭିନ୍ନଭିନ୍ନ ହୋଇଥାଏ। ଗାଏମୋଟ୍ କହିଲେ ଭୌଗୋଳିକ ସ୍ଥିତି, ଭାଷା ଓ ଧର୍ମ ଆଧାରରେ ଆସାମର ରାଜନୀତିକ ଅଙ୍କ କଷାଯାଇଥାଏ।**



## ବଦଳିଥିବା ବିଧାନସଭା ମାନଚିତ୍ର

୫୦ ବର୍ଷ ପରେ ଆସାମରେ ବିଧାନସଭା ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଛି। ଯାହାକି ଅନେକ ନେତାଙ୍କୁ ଚିନ୍ତାରେ ପକାଇଦେଇଛି। ଆସନ ସଂଖ୍ୟା ସମାନ ଥିଲେବି ଅନେକ ନିର୍ବାଚନମଣ୍ଡଳୀର ନାମ ବଦଳି ଯାଇଛି। କିଛି ନେତାଙ୍କ ମୂଳ ନିର୍ବାଚନମଣ୍ଡଳୀର କିଛି ଅଞ୍ଚଳ ଅନ୍ୟ କେଉଁ ନିର୍ବାଚନମଣ୍ଡଳୀକୁ ଚାଲି ଯାଇଥିବାବେଳେ ଅନ୍ୟ ନିର୍ବାଚନମଣ୍ଡଳୀର କିଛି ଅଞ୍ଚଳ ତାଙ୍କ ପାଖକୁ ଚାଲିଆସିଛି। ଅବଶ୍ୟ ଏସବୁ ଅଙ୍କ ବୁଝି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ହାତରେ ଦୁଇ ବର୍ଷ ସମୟ ରହିଥିଲା। ତଥାପିବି ନେତାମାନେ ଏଯାଏଁ ଭୋଟରଙ୍କ ମୁଡ଼ ଭଲଭାବେ ପରଖି ପାରିନାହାନ୍ତି । ସେଥିପାଇଁ କଡ଼ା ଟକ୍କର ହେଉଥିବା ଅଞ୍ଚଳରେ ନେତାମାନେ ଆଶା ଆଶଙ୍କା ଭିତରେ ରହିବାକୁ ବାଧ ହୋଇଛନ୍ତି। ବାଂଲାଦେଶୀ ଭୋଟରମାନେ କିଛି ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀରେ ହାରଜିତରେ ନିର୍ଣ୍ଣୟକରୁଥିଲେ। କିନ୍ତୁ ପୁନର୍ଗଠନ ବେଳେ ସେହି ଅଞ୍ଚଳଗୁଡ଼ିକୁ ଗୋଟିଏ ନିର୍ବାଚନମଣ୍ଡଳୀରେ ନରଖି ଭିନ୍ନଭିନ୍ନ ନିର୍ବାଚନମଣ୍ଡଳୀରେ ଖଣ୍ଡ ଖଣ୍ଡ କରି ଭର୍ତ୍ତି କରାଯାଇଛି। ଯାହା ବିଜେପିକୁ ସୁହାଇବ ବୋଲି ଆକଳନ କରାଯାଇଛି । ଆସାମର ୧୨୬ ଆସନ ମଧ୍ୟରୁ ପୂର୍ବରୁ ୯୦ ଆସନରେ ମୂଳ ଭୋଟର ହିଁ ନିର୍ଣ୍ଣାୟକ ହେଉଥିଲେ । ଅତଏବ ବାକି ୩୬ ଆସନରେ ବାଂଲାଦେଶୀ ମୁସଲିମ୍ ଭୋଟରମାନେ ହିଁ ହାରଜିତରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । କିନ୍ତୁ ଏବେ ୧୦୩ ଆସନରେ ମୂଳ ଭୋଟରମାନେ ନିର୍ଣ୍ଣାୟକ ହେବେବୋଲି ରାଜନୀତିକ ସମୀକ୍ଷକମାନେ ମତପୋଷଣ କରୁଛନ୍ତି । ୨୦୨୧ରେ ୩୧ ମୁସଲିମ୍ ପ୍ରାର୍ଥୀ ବାଜିମାତ୍ କରିଥିଲେ । ଅର୍ଥାତ୍ ରାଜ୍ୟର ଏକ ଚତୁର୍ଥାଂଶ ବିଧାୟକ ମୁସଲିମ୍ ଥିଲେ । ଏଆଇୟୁଡ଼ିଏଫକୁ ୧୫ ଆସନ ଓ ବାକି ୧୬ କଂଗ୍ରେସ ପାଖକୁ ଯାଇଥିଲା । ପୁନର୍ଗଠନ ପରେ ସେହି ଦୁଇ ଦଳ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

## ଜାତି, ମାଟି, ଭେଟି

୨୦୧୬ରୁ ବିଜେପି ସେଠାରେ 'ଜାତି, ମାଟି ଓ ଭେଟି'କୁ ମୂଳମନ୍ତ୍ର କରି ସଫଳତା ହାସଲ କରିଛି । ହିମନ୍ତ ବିଶ୍ୱଶର୍ମା ବାଂଲାଦେଶୀ ମୁସଲିମଙ୍କ ଠାରୁ ଜଙ୍ଗଲ ଓ ସରକାରୀ ଜାଗା ଅବରୋଧ ମୁକ୍ତ କରିବା ସହ ମୂଳ ଅଧିବାସୀ, ଚା'ବଗିଚା କର୍ମଚାରୀଙ୍କୁ ଜମି ପଟ୍ଟା ଆବଣ୍ଟନ କରାଯାଉଛି । ମହିଳା ଓ ଯୁବ ସଶକ୍ତିକରଣ ପାଇଁ ୫ ହଜାର କୋଟିର ଆର୍ଥିକ ସହାୟତା ଦିଆଯାଇଛି । ଯାହାର ସକରାତ୍ମକ ପ୍ରଭାବ ପଡ଼ିବ ବୋଲି ବିଜେପି ଅନୁମାନ କରୁଛି ।

## ମେଣ୍ଟ ଓ ଫାଟ

ବିଜେପି ଲଗାତର ଦୁଇଥର ସରକାର ଗଢ଼ିଥିବାବେଳେ ଏବେ ହାଟ୍ରିକ୍ ଲକ୍ଷ୍ୟ ରଖିଛି। ବିଜେପି ସହ ଆସାମ ଗଣ ପରିଷଦ, ବୋଡ଼ୋଲାଣ୍ଡ ପିପୁଲସ ଫ୍ରଣ୍ଟ, ୟୁନାଇଟେଡ଼ ପିପୁଲସ ପାର୍ଟି ଲିବେରାଲ ଓ ରାଭା ହାସୋଙ୍ଗ ଯୌଥ ମଞ୍ଚ ଭଳି ସହଯୋଗୀ ଅଛନ୍ତି।

କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟରେ ରହିଛନ୍ତି ଆସାମ ଜାତୀୟ ପରିଷଦ, ଅଲ ପାର୍ଟି ହିଲ୍ ଲିଡ଼ରସ କନଫେରେନ୍ସ, ସିପିଏମ। ଶେଷବେଳକୁ ରାଇଜୋର ଦଳ ସହ କଂଗ୍ରେସର ବୁଝାମଣା ସଫଳ ହୋଇଥିବାରୁ ତାହା ମେଣ୍ଟକୁ ଆଉ ଟିକେ ମଜବୁତ୍ କରିଛି ।

ଅପରପକ୍ଷରେ ଏଆଇୟୁଡ଼ିଏଫ ଘାଟାରେ ପଡ଼ିଛି। ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଏହାର ବିଜୟ ସମ୍ଭାବନା କମିଯାଇଛି। କାହିଁକିନା ଅନେକ ମୁସଲିମ୍ ବହୁଳ ଅଞ୍ଚଳରେ ଏବେ ମୂଳ ଅଧିବାସୀ ନିର୍ଣ୍ଣାୟକ ଭୂମିକାକୁ ଆସି ଯାଇଛନ୍ତି।

## ଆହ୍ୱାନ

ବିଜେପି: ଦୁଇଥର ଶାସନ କ୍ଷମତାରେ ଥିବାରୁ ସରକାରୀ ବିରୋଧୀ ହାୱା ବହିବା ସ୍ୱାଭାବିକ। ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀରେ ସ୍ପଷ୍ଟ ଜାତିଗତ ଓ ସାଂସ୍କୃତିକ ବିବାଦ ବି ଦଳର ଭୋଟକୁ ପ୍ରଭାବିତ କରିବ।

କଂଗ୍ରେସ: ରାଜ୍ୟରେ ଦୃଢ଼ ନେତୃତ୍ୱର ଅଭାବ। ଯେଉଁଥିପାଇଁ ଛୋଟମୋଟ ଦଳଗୁଡ଼ିକ ସହ ବୁଝାମଣା କରିବାକୁ କଂଗ୍ରେସ ବାଧ ହୋଇଛି । ଏତେ ଦଳ କଂଗ୍ରେସ ସହ ଥିଲେବି ସେମାନଙ୍କର ସେତେଟା ସାଂଗଠନିକ ଶକ୍ତି ନାହିଁ । ଅନୁପ୍ରବେଶକାରୀଙ୍କ ପ୍ରତି ଦଳର ନରମ ଆଭିମୁଖ୍ୟ ବି ଭୋଟକୁ ପ୍ରଭାବିତ କରିବ।

ଏଆଇୟୁଡିଏଫ: ଦଳର ଏକମାତ୍ର ଶକ୍ତି ହେଉଛନ୍ତି ବଦ୍ରୁଦ୍ଦିନ ଆଜମଲ। କଂଗ୍ରେସ ମେଣ୍ଟରୁ ବାହାରି ଆସିଥିବାବେଳେ ବିଜେପିର ଅନୁପ୍ରବେଶକାରୀ ବିରୋଧୀ ନୀତି ଦଳକୁ ପ୍ରଭାବିତ କରିଛି। ଲୋୟର ଆସାମ, ଯଥା; ଧୁବ୍ରି, ବାରପେଟା ଅଞ୍ଚଳରେ ଭୋଟ୍ ବ୍ୟାଙ୍କ ବାଣ୍ଟି ହୋଇଯାଇଛି ।

# ବିଜେପି ପାଇଁ ବାବୁନି ଅଲୋଡ଼ା



ଦୀର୍ଘ ୫ ବର୍ଷ ଧରି ଯାଜପୁର ଜିଲା ଯୁବ ମୋର୍ଚ୍ଚା ମଙ୍ଗ ସମ୍ଭାଳିଥିବା ବିଶ୍ୱଜିତ ରାଜ ଓରଫ ବାବୁନି ବିଜେପି ପାଇଁ ଅଲୋଡା ହୋଇଗଲେ। ଏକଥା ଆମେ କହୁନୁ ଜିଲାରେ ଥିବା ତାଙ୍କ ସମର୍ଥକ ଏବଂ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ହିଁ ଏମିତି ଚର୍ଚ୍ଚା ହେଉଛି। ରାଜ୍ୟ ବିଜେପି ପକ୍ଷରୁ ଜିଲା ଯୁବ ମୋର୍ଚ୍ଚା ସଭାପତି ନିଯୁକ୍ତି ପରେ ଏ ଆଲୋଚନାଟି ଜୋର ଧରିଛି। ଆଲୋଚନା ପଛର କାରଣଟି ହେଲା, ସଭାପତି ପଦରୁ ଅପସାରଣ ପରେ ସମ୍ମାନ ଦୃଷ୍ଟିରୁ ଦଳ ତାଙ୍କୁ ରାଜ୍ୟ କମ୍ବା ଜିଲ୍ଲାର କୌଣସି ସଂଗଠନକୁ ମନୋନୀତ କରିବାକୁ ଆଗ୍ରହ ଦେଖାଇନି। ୨୦୨୧ ମାର୍ଚ୍ଚରେ ବାବୁନିଙ୍କ ନାଁ ଯାଜପୁର ଯୁବ ମୋର୍ଚ୍ଚା ସଭାପତି ଭାବେ ଘୋଷଣା ହୋଇଥିଲା। ସଭାପତି ହେବା ପରେ ବାବୁନି ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବାକୁ ଲାଗିପଡିଥିଲେ। ନେତୃତ୍ୱ ନେବା ପରେ ବାବୁନି ନିଜର ଦକ୍ଷତା ୨୦୨୪ ସାଧାରଣ ନିର୍ବାଚନରେ ଦେଖାଇଥିଲେ। ଏକଦା ସୁକିନ୍ଦାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇଙ୍କ ବିଶ୍ୱସ୍ତ ଥିବା ବାବୁନି ପଞ୍ଚାୟତ ନିର୍ବାଚନ ଠାରୁ ଆରମ୍ଭ କରି ବିଧାନସଭା ନିର୍ବାଚନ ସମୟରେ ସୁକିନ୍ଦାରେ ଘୂରିଘୂରି ଘଡାଇ ପିତା-ପୁତ୍ରଙ୍କୁ ଟାର୍ଗେଟ କରି ଆସୁଥିଲେ। ସୁକିନ୍ଦାରେ ବିଜେଡିକୁ ଘୋର ବିରୋଧ କରିବା ସହ ଲୋକଙ୍କୁ ବିଜେପି ପ୍ରତି ଆକୃଷ୍ଟ କରିଥଲେ। ବାବୁନି ସୁକିନ୍ଦାରୁ ବାପ-ପୁଅଙ୍କୁ ହଟାଇବା ପାଇଁ ଅଣ୍ଟା ଭିଡି ଖଣି ଅଞ୍ଚଳରୁ ଆରମ୍ଭ କରି ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ବିଷ ଓଗାଳିଥିଲେ। କହିବାକୁ ଗଲେ ବାବୁନି ଯୁବ ବର୍ଗଙ୍କୁ ଘଡାଇ ପିତା-ପୁତ୍ରଙ୍କ ବିରୋଧରେ ଏକଜୁଟ କରାଇବାରେ ମାହୋଲ ସୃଷ୍ଟି କରିଥିଲେ। ପଞ୍ଚାୟତ ନିର୍ବାଚନ ବେଳେ ବାବୁନି ନିଜ ପଞ୍ଚାୟତ ବାରଗାଡିଆ ଛାଡି ସୁକିନ୍ଦା ବ୍ଲକ ଆମ୍ବୋଳବା ପଞ୍ଚାୟତରୁ ନିର୍ବାଚନ ଲଢିଥିଲେ। ତତ୍କାଳୀନ ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଦବଦବା ସତ୍ତ୍ୱେ ବାବୁନି ଆମ୍ବୋଳବା ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚନ ଲଢି ଜିତିଯାଇଥିଲେ। ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ପ୍ରଦୀପ ବଳ ସାମନ୍ତଙ୍କୁ ନିର୍ବାଚନ ବୈତରଣୀ ପାର କରାଇବାରେ ବାବୁନିଙ୍କ ବଡ ଭୂମିକା ଥିଲା। ଏବେର ସୁକିନ୍ଦା ବିଧାୟକ ବା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବାବୁନି ଗତ କିଛିଦିନ ଧରି ସୁକିନ୍ଦା ରାଜନୀତିରୁ ଦୂରେଇ ଯାଇଥିଲେ। ନିର୍ବାଚନମଣ୍ଡଳୀ ନେତାଙ୍କ ଅଣଦେଖା କାରଣରୁ କୋଣଠେସା ହୋଇପଡିଥିବା ବାବୁନିଙ୍କୁ ଜିଲ୍ଲା କି ରାଜ୍ୟର କୌଣସି ସଂଗଠନରେ ସାମିଲ କରାଯାଇନଥିବାରୁ ବିଜେପି ପାଇଁ ବି ଅଲୋଡା ହୋଇଗଲେ ବୋଲି ଆଲୋଚନା ହେଉଛି।

# ମହତାବ ସମ୍ଭାଳିଛନ୍ତି କଟକ ବିଜେପି ମଙ୍ଗ



ଭର୍ତ୍ତୃହରି ମହତାବ ଖାଲି କଟକରେ ନୁହଁନ୍ତି, ସାରା ଦେଶରେ ବି ଜଣେ ଚର୍ଚ୍ଚିତ ରାଜନେତା। ଦିଲ୍ଲୀରେ ତାଙ୍କର ବେଶ୍ ଖାତିର। ୧୯୯୮ରୁ ସେ ଲୋକସଭାକୁ ଯାଉଛନ୍ତି। କିନ୍ତୁ ଗୋଟିଏ ସମୟ ଥିଲା, ସେ ବିଜେଡ଼ି ସାଂସଦ ଥିବାବେଳେ ବି ସେହି ଦଳର ନେତାମାନେ ତାଙ୍କର ସାଂଗଠନିକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଉଥିଲେ। ଦେବାଶିଷ ସାମନ୍ତରାୟଙ୍କ ଭଳି ଅନେକ ନେତା କହୁଥିଲେ, ମହତାବ ଯାହାବି ହୋଇଛନ୍ତି କେବଳ ବିଜେଡ଼ି ଯୋଗୁଁ। ବିଜେଡ଼ି ଛାଡ଼ିଦେଲେ ସେ କର୍ପୋରେଟର ବି ହୋଇପାରିବେନି। ତେବେ ୨୦୨୪ରେ ମହତାବ ଏହାକୁ ଭୁଲ୍ ବୋଲି ପ୍ରମାଣିତ କରିଥିଲେ। ବିଜେପି ଟିକେଟରେ ବି ସେ କଟକ ଲୋକସଭା ଆସନରୁ ବାଜିମାତ୍ କରିପାରିଛନ୍ତି। ଆଜିକା ଦିନରେ କଟକ ବିଜେପିର ସେ ହେଉଛନ୍ତି ବଡ଼ ଚେହେରା। ରାଜ୍ୟସଭା ନିର୍ବାଚନରୁ କଟକ ରାଜନୀତି ନୂଆ ମୋଡ଼ନେଇଛି। ଦେବୀ ତ୍ରିପାଠୀ, ସୌଭିକ ବିଶ୍ୱାଳ ବିଜେପି ମୁହାଁ ହୋଇଛନ୍ତି। ଅତଏବ କଟକରେ ବିଜେପିର ଶକ୍ତି ବୃଦ୍ଧି ହେବା ନିଶ୍ଚିତ। ସମୀରଦେ'ଙ୍କ ଅବର୍ତ୍ତମାନରେ ଏବେ ଏହାର ଶ୍ରେୟ ମହତାବ ହିଁ ନେବେ। ଯଦିଓ ସେ ଦିଲ୍ଲୀରେ ଅଧିକ ସମୟ ଦେଉଛନ୍ତି, ତଥାପିବି କଟକରେ ତାଙ୍କ ଟିମ୍ ବିଜେପିକୁ ଶକ୍ତିଶାଳୀ କରିବାର ଅଙ୍କ କଷୁଛି। ଏସବୁ ଭିତରେ ଆଉ ଏକ ଚର୍ଚ୍ଚାବି ଜୋର ଧରିଛି। କେନ୍ଦ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳ ବେଳେ ମହତାବଙ୍କ ପାଳି ପଡ଼ିପାରେ। ଏମିତିବି ଶ୍ରେଷ୍ଠ ସାଂସଦ ଭାବେ ସେ ମୋଦିଜୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇପାରିଛନ୍ତି।

ଗର୍ବିତ ଓଡ଼ିଆ
WEEKLY GARVIT ODIA

# ସୂରଜଙ୍କ କଥା ପାଣିର ଗାର

## କ୍ୟାମ୍ପସରେ ଟଙ୍କା ନଉଡ଼ାନ୍ତୁ ଛାତ୍ରନେତା

ସମାନ ପ୍ରଶ୍ନ, ସମାନ ସ୍କ୍ରିପ୍ଟ। ୨୦୨୪ରେ ଶୁଣିଥିଲୁ, ୨୦୨୫ରେ ବି ଶୁଣିଥିଲୁ। ଆଉ ୨୦୨୬ରେ ବି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ସେଇକଥା ଛାତ୍ରନେତାମାନେ ଶୁଣୁଛନ୍ତି। ନିର୍ବାଚନ ହେବ ନା ନାହିଁ ଏହାର ସତ ଉତ୍ତର ମିଳୁନାହିଁ। ସବୁକିଛି ଗୁନ୍ଦୁରାଗୁନ୍ଦୁରିରେ ଚାଲିଛି।

ଯଦି ସରକାର ଠୋସ୍ ନିଷ୍ପତ୍ତି ନେଇପାରୁନାହାନ୍ତି, ତେବେ ମନ୍ତ୍ରୀ କୁହନ୍ତୁ, ଏବେଠୁ କହିବା ସମ୍ଭବପର ନୁହେଁ। ଏଭଳି ନିଷ୍ପତ୍ତି ନିଆଗଲେ, ଆମେ ଆପଣଙ୍କୁ ଡାକି ଜଣାଇଦେବୁ। ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କିନ୍ତୁ ଏତେ କନଫିଡ଼େନ୍ସରେ କହୁଛନ୍ତି, କ୍ୟାମ୍ପସ ନିର୍ବାଚନରେ ଦମ୍ ଦେଖାଇବାକୁ ସଜବାଜ ହେଉଥିବା ଛାତ୍ରନେତା ଓ ଛାତ୍ରନେତ୍ରୀମାନେ ଉତ୍ସାହିତ ହୋଇଯାଉଛନ୍ତି। କଲେଜରେ ପାଠପଢ଼ା ଆରମ୍ଭ ହେବା ଦିନଠାରୁ ବ୍ୟାନର ପୋଷ୍ଟର ଲଗାଯାଉଛି। ସେବାବଦରେ ପିଲାମାନେ ହଜାର ହଜାର ଟଙ୍କା ଉଡ଼ାଉଛନ୍ତି। ଆପଣମାନେ ତ ଜାଣିଥିବେ, ଥରେ ବ୍ୟାନର ପୋଷ୍ଟର ଲାଗିଗଲେ ନେତାଙ୍କୁ କିଭଳି ଛାତ୍ରଛାତ୍ରୀମାନେ ଦୁହିଁ ଦିଅନ୍ତି। କିଏ ଗୁପଚୁପ୍ ମାଗେ ତ କିଏ ଚାଟ୍। କିଏ ଚିକେନ୍ ସହ ବିଅର ବି ଡିମାଣ୍ଡ କରେ। ଏବାବଦରେ ବି ବଡ଼ ବଡ଼ କଲେଜରେ ଆଶାୟୀମାନେ ଲକ୍ଷାଧିକ ଉଡ଼ାଇ ଦିଅନ୍ତି। ବିଚରା କଲେଜ ନିର୍ବାଚନରେ ଜିତିବା ପାଇଁ ପିଲାମାନେ ବାପାଙ୍କ ପକେଟ କଣା କରିବାକୁ ପଛାନ୍ତି ନାହିଁ। ଏମିତିବି ନିର୍ବାଚନ ଏକ ଜିଦ୍। ଖାଲି ସେତିକିନୁହେଁ ପାଠପଢ଼ା ଆରମ୍ଭ ଦିନଠାରୁ ପିଲାଙ୍କ ଭିତରେ ଗୋଷ୍ଠୀବିବାଦ ବି ବଢ଼ିଯାଉଛି। କଲେଜ ଇଲେକ୍ସନରେ ଜିତିଲେ ଆର୍ଥିକ ଲାଭ ନାହିଁ, କେବଳ ପାଞ୍ଚ ଛଅ ମାସ ଧରି ପତିଆରା ଜାହିର କରିବାର ସୁଯୋଗ ମିଳେ। ଅବଶ୍ୟ ସକ୍ରିୟ ରାଜନୀତିରେ ଏଣ୍ଟ୍ରି କରିବାର ଏହା ଏକ ବଡ଼ ଶିଢ଼ି କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୧୭ରୁ କଲେଜ ଛାତ୍ର ସଂସଦ ନିର୍ବାଚନ ହୋଇନି। ଆଗକୁ ବି ନହେଲେ କାହାର କିଛି କହିବାର ନାହିଁ। ହେଲେ ଆଶା ଦେଇ ମନ୍ତ୍ରୀ ଆଉ ପିଲାଙ୍କୁ ଖର୍ଚ୍ଚାନ୍ତ ନକରାନ୍ତୁ କି ଠିକ୍ ସମୟରେ ଆଉ ପଛଘୁଞ୍ଚା ନଦିଅନ୍ତୁ। ନହେଲେ ଓଡ଼ିଶାର ଛାତ୍ରସମାଜ କହିବେ, ସୂରଜଙ୍କ କଥା ପାଣିର ଗାର।



**ସାମ୍ବାଦିକ**

ଏବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ?

**ସୂରଜ**

ଏନେଇ ସରକାର ସକରାତ୍ମକ ଅଛନ୍ତି। ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି।

ଗର୍ବିତ ଓଡ଼ିଆ

## କଟକ ରାଜନୀତି

# ଇତିହାସର ସାକ୍ଷୀ ଓ ଭବିଷ୍ୟତର ଦିଶା

ସାମ୍ପ୍ରତି କଟକ ରାଜନୀତି ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି। ରାଜ୍ୟସଭା ନିର୍ବାଚନରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ କ୍ରସଭୋଟିଂ କରିଛନ୍ତି। ଏହି ତିନି ନେତାଙ୍କ ପରିବାରର କଟକ ରାଜନୀତିରେ ଧାକ୍ ରହିଛି। ଦେବୀଙ୍କ ବାପା ପ୍ରଭାତ ତ୍ରିପାଠୀ, ସୌଭିକଙ୍କ ବାପା ପ୍ରଭାତ ବିଶ୍ୱାଳ ଓ ସୋଫିଆଙ୍କ ବାପା ମହମ୍ମଦ ମୋକିମ୍ ଉପକୂଳ ଓଡ଼ିଶାର ଟାଣୁଆ ନେତା ଭାବେ ପରିଗଣିତ। କଟକ ରାଜନୀତି ନୂଆ ମୋଡ଼ ନେଇଥିବାରୁ ରାଜ୍ୟ ରାଜନୀତି ବି ନୂଆ ମୋଡ଼ ନେବବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାହିଁକିନା ଏକଦା କଟକ ହିଁ ରାଜନୀତିର ଦିଶା ଓ ଭବିଷ୍ୟତ ସ୍ଥିର କରୁଥିଲା।

ଓଡ଼ିଶା ରାଜନୀତିର ମେରୁଦଣ୍ଡ ହେଉଛି କଟକ। ପୁରାତନ ରାଜଧାନୀ ହେବାର ଗର୍ବ ନେଇ ଏହି ସହର ସ୍ୱାଧୀନତା ପରେ ମଧ୍ୟ ରାଜ୍ୟର ରାଜନୈତିକ ଗତିବିଧି ନିର୍ଦ୍ଧାରିତ କରୁଥିଲା। ଅବିଭକ୍ତ କଟକ ଜିଲ୍ଲା (କଟକ, ଯାଜପୁର, ଜଗତସିଂହପୁର ଓ କେନ୍ଦ୍ରାପଡ଼ା)ର ୨୮ ବିଧାନସଭା ଆସନ ଯେଉଁ ଦଳ ଅକ୍ତିଆର କରିବ ସେ ହିଁ ରାଜ୍ୟ ଶାସନ କରିବାର ଅନେକ ନଜିର ରହିଛି।


ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳ କଂଗ୍ରେସ, ଜନତା ଦଳ, ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟିର ବିଭିନ୍ନ ନେତାଙ୍କୁ ଉତ୍ପନ୍ନ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀସଭାର ନିର୍ମାଣରେ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଛି। କଟକ ସହର ଓଡ଼ିଶାର ପୁରାତନ ରାଜଧାନୀ ଥିଲା। ଗଙ୍ଗ ରାଜବଂଶ, ସୂର୍ଯ୍ୟବଂଶୀ, ଆଫଗାନ, ମୋଗଲ, ମରାଠା ଓ ବ୍ରିଟିଶ ଶାସନ କାଳରେ ଏହା ପ୍ରଶାସନିକ ଓ ରାଜନୈତିକ କେନ୍ଦ୍ର ରହିଥିଲା। ବ୍ରିଟିଶମାନେ ୧୮୦୩ରେ କଟକ ଅଧିକାର କରିବା ପରେ ୧୮୧୬ରେ ଏହା ଓଡ଼ିଶା ବିଭାଗର ରାଜଧାନୀ ହୋଇଥିଲା। ସ୍ୱାଧୀନତା ପରେ ୧୯୪୮ ପର୍ଯ୍ୟନ୍ତ ଏହା ଥିଲା ରାଜ୍ୟ ରାଜଧାନୀ। ତଥାପି କଟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସ୍ଥାନ ହୋଇ ରହିଛି। ପ୍ରଶାସନିକ କାର୍ଯ୍ୟାଳୟ ସହିତ ରାଜନୀତିର ହୃତସ୍ପନ୍ଦନ ରହିଛି।

ସ୍ୱାଧୀନତା ପରେ ଓଡିଶାର ନାମଜାଦା ରାଜନେତା ମହତାବ, ବିଜୁ, ବୀରେନ, ନୀଳମଣିଙ୍କ ପେଣ୍ଠ ସ୍ଥଳୀ କଟକ ସହର ହିଁ ଥିଲା। ଜାନକୀବାବୁଙ୍କର କର୍ମଭୂମି ମଧ୍ୟ ଥିଲା ଏହି କଟକ ସହର। ବିଜୁ ପଟ୍ଟନାୟକ ୧୯୭୨ରେ ଚୌଦ୍ୱାର-କଟକ ବିଧାନସଭା ଆସନରୁ ନିର୍ବାଚିତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମ କାଳରେ ବିଜୁ ପଟ୍ଟନାୟକଙ୍କ ଘର 'ଆନନ୍ଦ ଭବନ' ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆଶ୍ରୟସ୍ଥଳ ହୋଇଥିଲା। ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ ଆଲି କଟକର ଆନନ୍ଦ ଭବନରେ ଗୁପ୍ତ ଆଶ୍ରୟ ନେଇଥିଲେ।

କଟକ ସହରର ନେତା ବୀରେନ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ (୧୯୬୩-୬୫)। ୧୯୭୨ରେ ନନ୍ଦିନୀ ଶତପଥୀ କଟକ ସହର ଉପ ନିର୍ବାଚନରେ ବିଧାୟକ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ କଟକର ପିଠାପୁର ଅଞ୍ଚଳରୁ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୦ରେ ଜାନକୀ ବଲ୍ଲଭ ପଟ୍ଟନାୟକ ଲୋକସଭା ଆସନ ଛାଡ଼ି ଆଠଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୫ରେ ମଧ୍ୟ ଆଠଗଡ଼ରୁ ପୁନଃ ନିର୍ବାଚିତ ହୋଇ ଦୀର୍ଘକାଳ ରାଜ୍ୟ ଶାସନ କରିଥିଲେ। ପ୍ରସିଦ୍ଧ ରାଜନୈତିକ ବ୍ୟକ୍ତିତ୍ୱ ଓ ମନ୍ତ୍ରୀ କାହ୍ନୁ ଲେଙ୍କା ଚୌଦ୍ୱାର-କଟକ ଆସନରୁ ନିର୍ବାଚିତ ହୋଇଥିଲେ। ଅନ୍ୟ ପ୍ରସିଦ୍ଧ ରାଜନୈତିକ ବ୍ୟକ୍ତିତ୍ୱ ତ୍ରିଲୋଚନ କାନୁନ୍‌ଗୋ ଓ କାଳନ୍ଦୀ ବେହେରା କଟକ ସଦର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ।




୧୯୭୦ ଓ ୧୯୮୦ ଦଶକରେ ଓଡ଼ିଶା ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ ଦୁଇଟି ଖବରକାଗଜ। ଗୋଟିଏ ରାଧାନାଥ ରଥଙ୍କ 'ସମାଜ' ଓ ଅନ୍ୟଟି ହରେକୃଷ୍ଣ ମହାତାବଙ୍କ 'ପ୍ରଜାତନ୍ତ୍ର'। ଭୈରବ ମହାନ୍ତି କଟକ ବିଧାୟକ ଓ କ୍ରୀଡାମନ୍ତ୍ରୀ ହୋଇ ବାରବାଟୀ ଷ୍ଟାଡିୟମ ନିର୍ମାଣ କରିଥିଲେ। ୧୯୯୦ରେ ମୁସ୍ତାଫିଜ ଆହମ୍ମଦ ଜନତା ଦଳରୁ କଟକରୁ ବିଧାୟକ ହୋଇ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ। ସମୀର ଦେ' ବିଜେପିରୁ କଟକରୁ ବିଧାୟକ ହୋଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ।



ପ୍ରଭାତ ବିଶ୍ୱାଳ ୨୦୦୪ରେ କଟକ ସଦରରୁ ସ୍ୱାଧୀନ ଭାବରେ ଜିତି ରାଜନୀତି ଆରମ୍ଭ କରିଥିଲେ। ପରେ ୨୦୦୯ ଓ ୨୦୧୪ରେ ଚୌଦ୍ୱାର-କଟକରୁ ବିଜେଡି ବିଧାୟକ ହୋଇଛନ୍ତି। ପ୍ରଭାତ ତ୍ରିପାଠୀ ଜରୁରୀକାଳୀନ ପରିସ୍ଥିତି ସମୟରେ ଛାତ୍ର ନେତା ଥିଲେ, ଜେଲ୍ ଯାଇଥିଲେ। ବାଙ୍କୀରୁ ଅନେକ ଥର ବିଜେଡି ବିଧାୟକ ହୋଇ ମୁଖ୍ୟ ସଚେତକ ଭାବରେ କାର୍ଯ୍ୟ କରିଥିଲେ। ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଟକ ସହରରୁ ନୂଆ ଦଳ 'ଓଡ଼ିଶା ଜନତା କଂଗ୍ରେସ' ଆରମ୍ଭ କରିଛନ୍ତି। ଏହି ନୂଆ ଦଳ କଣ ଭୂମିକା ଗ୍ରହଣ କରିବ, ସମୟ କହିବ। ତାଙ୍କ କନ୍ୟା ସୋଫିଆଙ୍କ ଭୂମିକା କଣ ହେବ, ତାହା ମଧ୍ୟ ସମୟ କହିବ। ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳ ଅବିଭକ୍ତ କଟକ ଅଞ୍ଚଳର ୨୮ଟି ଆସନରୁ ଅନେକ ହରାଇଥିଲା। ଯାହା ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୪ ବର୍ଷର ଶାସନର ପତନର ମୂଳ କାରଣ ହୋଇଥିଲା। କଟକ ଅଞ୍ଚଳର ଭୋଟର ପରିବର୍ତ୍ତନ ରାଜ୍ୟ ରାଜନୀତିକୁ ବଦଳାଇ ଦେଇଥିଲା।

ଏବେ ସୋଫିଆ ଫିର୍ଦ୍ଦୋସ, ମହିଳା ଓ ମୁସଲିମଙ୍କ ପ୍ରତିନିଧିତ୍ୱ କରୁଥିଲା ବେଳେ ଦଳରୁ ନିଲମ୍ବିତ ହୋଇଛନ୍ତି। ସୌଭିକ ବିଶ୍ୱାଳ ଓ ଦେବୀ ରଞ୍ଜନ ତ୍ରିପାଠୀଙ୍କ ପାରିବାରିକ ରାଜନୀତି ବି ଚର୍ଚ୍ଚାର ବିଷୟ ହୋଇଛି। ସେପଟେ ମହମ୍ମଦ ମୋକିମଙ୍କ ନୂଆ ଦଳ ଓଡ଼ିଶା ଜନତା କଂଗ୍ରେସ କଟକରୁ ଉଠି ରାଜ୍ୟସ୍ତରରେ ପ୍ରଭାବ ପକାଇପାରେ।

ଖାଲି ସେତିକିନୁହେଁ, ଏହି କଟକରୁ ପ୍ରସିଦ୍ଧ ରାଜନେତା ନିତ୍ୟାନନ୍ଦ କାନୁନ୍‌ଗୋ, ହରେକୃଷ୍ଣ ମହତାବ, ଶରତ କର, ଜାନକୀ ବଲ୍ଲଭ ପଟ୍ଟନାୟକ, ଜୟନ୍ତୀ ପଟ୍ଟନାୟକ ବିଭିନ୍ନ ସମୟରେ ଦିଲ୍ଲୀ ଲୋକସଭାକୁ ଯାଇଛନ୍ତି। ରେଭେନ୍ସା କଲେଜ ଛାତ୍ରମାନେ ବିଭିନ୍ନ ସମୟରେ ଧର୍ମଘଟ ଓ ଆନ୍ଦୋଳନ କରି ରାଜ୍ୟ ରାଜନୀତିରେ ବି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ୧୯୨୧ ଅସହଯୋଗ ଆନ୍ଦୋଳନ ସମୟରେ ରେଭେନ୍ସାର ଛାତ୍ରମାନେ ଧର୍ମଘଟ କରି ବ୍ରିଟିଶ ଶାସନକୁ ବିରୋଧ କରିଥିଲେ। ୧୯୪୭ରେ ମନମୋହନ ମିଶ୍ରଙ୍କ ନେତୃତ୍ୱରେ 'ୟୁନିଅନ ଜ୍ୟାକ୍ ହଟାଅ' ଆନ୍ଦୋଳନରେ ଛାତ୍ରମାନେ ଧର୍ମଘଟ କରିଥିଲେ। ୧୯୫୦ ଦଶକରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ବେଳେ ଛାତ୍ର ଧର୍ମଘଟ ହୋଇଥିଲା। ୧୯୮୦ ଛାତ୍ର ଆନ୍ଦୋଳନରେ ରେଭେନ୍ସା ଛାତ୍ରମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ବିଜୁ ପଟ୍ଟନାୟକ ଓ ଜେ.ବି. ପଟ୍ଟନାୟକଙ୍କ ଶାସନକାଳରେ ମଧ୍ୟ ଛାତ୍ରମାନେ ଧର୍ମଘଟ କରିଥିଲେ। କଟକର ଛାତ୍ରମାନେ ସର୍ବଦା ସମାଜ ପରିବର୍ତ୍ତନ ଓ ଅଧିକାର ପାଇଁ ସଂଗ୍ରାମ କରିଆସିଛନ୍ତି, ଯାହା ଓଡ଼ିଶାର ରାଜନୈତିକ ଇତିହାସରେ ଗୁରୁତ୍ୱପୂର୍ଣ୍ଣ।



ଶେଷରେ କହି ହେବଯେ, କଟକ ବିନା ଓଡ଼ିଶା ରାଜନୀତି ଅଚଳ। ଏହାର ଇତିହାସ ସାକ୍ଷୀଯେ, ଏଠାରୁ ଉଠିଥିବା ନେତା ରାଜ୍ୟକୁ ନେତୃତ୍ୱ ଦେଇଛନ୍ତି। ସ୍ୱାଧୀନତାରୁ ଆଜି ପର୍ଯ୍ୟନ୍ତ କଟକ ଓଡ଼ିଶାର ରାଜନୈତିକ ଭାଗ୍ୟ ଲେଖୁଛି। ଭବିଷ୍ୟତରେ ମଧ୍ୟ ଏହାର ପ୍ରଭାବ ଅବ୍ୟାହତ ରହିବ ଓ ଯୁବ ନେତାଙ୍କ ଉଦ୍ୟମରେ ନୂଆ ଓଡ଼ିଶା ଗଢ଼ି ଉଠିବ। କଟକ ସହର ଓ ଜିଲ୍ଲା ଓଡ଼ିଶା ରାଜନୀତିର ଆତ୍ମା ଓ ପ୍ରାଣ ରହିଛି।

**ଚିତ୍ତ ରଞ୍ଜନ ମହାନ୍ତି**
**ଦେଉଳ ସାହି, କଟକ**

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ସସ୍ପେଣ୍ଡ କାଣ୍ଡ

ମଧୁ କହିଲାରେ ଯଦୁ ଏ ସସ୍ପେଣ୍ଡ
ଅର୍ଥ ଅଟେ ନିଲମ୍ବନ;
ମାନେ କୀଳା ନିଅ ନୀଳାକୁ
ଯେହେତୁ କରିଲ ଅବଲମ୍ବନ!
କମେନାଇଁ କିନ୍ତୁ ଧନ,
ସ୍ୱାଧୀନ ଭାବରେ ବସିବା ପାଇଁକି
ମିଳଇ ଅଲଗା ସ୍ଥାନ!!

ଯଦୁ ପଚାରିଲା ସସ୍ପେଣ୍ଡରେ ତେବେ
ସହିବେ କଣ କ୍ଷତି;
ମଧୁ କହେ ବରଂ ଲାଭ ଏବେ ଆଉ
କହିବା ପାଇଁକି ଲୋଡ଼ା ନାଇଁ ଅନୁମତି!
ରହିବନି କିଛି ନୀତି,
ଚିହ୍ନ ଛଡ଼ା ଆଉ ସବୁ ମିଳିଯିବ
ଖାଇବାକୁ ପୁଅ ନାତି!!

ମଧୁ କହିଲା ହଁ ସେତିକି ନୁହଁରେ
ଲାଭ ପୁଣି କୋଟି କୋଟି;
କାଗଜ, ଟିଭି ଓ ଫୋନ ପରଦାରେ
ମାଗଣାରେ ପବ୍ଲିସିଟି!
ଖବର ଦିଅନ୍ତି କୁଟି,
କରିଛନ୍ତି କାଳେ ସସ୍ପେଣ୍ଡିମାନେ
ସାହସିକ କାର୍ଯ୍ୟଗୋଟି !

ଯଦୁ ପଚାରିଲା ଆରେ ମଧୁ ଭାଇ
ଘୁରିଯାଉଅଛି ମୁଣ୍ଡ;
ଜନମରୁ ମୁଁ ଶୁଣି ଆସୁଅଛି
ରାମାୟଣ ସାତ କାଣ୍ଡ !
ପୁଣି କଣ ଏ ସସ୍ପେଣ୍ଡ,
କିଏ ଏଇଥିରେ ବିଜୟୀ ହୁଅଇ
କାହାର କଟଇ ତୁଣ୍ଡ ?

ଯଦୁ ପଚାରିଲା ମଧୁ ଭାଇ ତେବେ
ମାନ୍ୟବରେ କଣ କଲେ;
କାହିଁକି ତାଙ୍କୁଇଁ ଦଳର ମୁଖିଆ
ସସ୍ପେଣ୍ଡ କରିଦେଲେ?
ମଧୁ କହେ ମାରିଦେଲେ,
ନେତାଙ୍କର ବାଟେ ନଯାଇ
ବିବେକ ବୋଲେ ବାଟ ଚାଲିଗଲେ!

ଯଦୁ କହେ ଏବେ ଯାଉଛି ଘରକୁ
କହିବି ତମର ବୋହୁ;
ଆଜି ମୋତେ ତାର ସ୍ୱାମୀ ପଦବୀରୁ
ସସ୍ପେଣ୍ଡ କରିଦଉ!
ଚିହ୍ନ ମୋର ଉଡିଯାଉ,
ସ୍ୱାଧୀନ ଭାବରେ ଜିଇଁବା ପାଇଁକି
ସୁଯୋଗଟା ମିଳିଯାଉ!!

ଆଗରୁ ସସ୍ପେଣ୍ଡ ହୋଇଛନ୍ତି କେତେ
ଲୋକ ଯାଇଛନ୍ତି ଭୁଲି;
ଫେରିଛନ୍ତି କେତେ ହୋଇଛନ୍ତି କେତେ
ଅନ୍ୟଦଳ ଘରବାଲୀ !
ମହାମୁର୍ଖ କହେ ଖୋଲି,
ଦେଖିଶୁଣି ଏହା ମଜା ନିଅ ବନ୍ଧୁ
ଭାବନାଇଁ ଶେଷ ବୋଲି!!

## ବିଧାନସଭା ନିର୍ବାଚନ

# କଂଗ୍ରେସ ପାଇଁ ଚ୍ୟାଲେଞ୍ଜ

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ସରକାରକୁ ଆସିଥିଲେବି ଝଟକା ଲାଗିଥିଲା । ସେପଟେ କଂଗ୍ରେସ ୯୯ ଆସନ ପାଇ ଆଗକୁ ବଢ଼ିବାର ସାହାସ ପାଇଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରଠାରୁ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ବିଧାନସଭା ନିର୍ବାଚନରେ କିନ୍ତୁ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ହରିୟାଣା ଓ ଦିଲ୍ଲୀରେ ଦଳ ବିଜେପି ଠାରୁ ହାରିଥିବାବେଳେ ମହାରାଷ୍ଟ୍ର ଓ ବିହାରରେ କଂଗ୍ରେସ ଓ ସହଯୋଗୀ ଦଳଗୁଡ଼ିକ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ତେବେ ଝାରଖଣ୍ଡରେ ଜେଏମଏମ ଓ ଜାମ୍ମୁକାଶ୍ମୀରରେ ନାସନାଲ କନଫେରେନ୍ସ ବିଜେପିକୁ ଅଟକାଇବାରେ ସଫଳ ହୋଇଛନ୍ତି।

ଆଗକୁ ହେବାକୁ ଥିବା ୪ ବିଧାନସଭା ନିର୍ବାଚନ ମଧ୍ୟରୁ କଂଗ୍ରେସ କେରଳ ଓ ଆସାମରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ତାମିଲନାଡୁରେ ଦଳ ଡିଏମକେର ସାନ ଭାଇ ଥିବାରୁ ସେଠାରେ ବି ସଫଳତା ମିଳିବ। ତେବେ ପଶ୍ଚିମବଙ୍ଗରେ କିନ୍ତୁ କଂଗ୍ରେସ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ନାହିଁ।

କେରଳରେ ପ୍ରତିଥର ସରକାର ବଦଳେ। କେବେ କଂଗ୍ରେସ ତ କେବେ ବାମମେଣ୍ଟ ବାଜିମାତ୍ କରନ୍ତି। କିନ୍ତୁ ୨୦୨୧ରେ ବାମଦଳ କେରଳରେ ଏହି ପରମ୍ପରା ଭାଙ୍ଗି ଦେଇଥିଲା। ଏବେ କେରଳରେ କଂଗ୍ରେସ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟିହୋଇଛି। ବାମ ଶାସନକୁ ହଟାଇ କଂଗ୍ରେସ କ୍ଷମତାକୁ ଫେରିବାର ବାଟ ପ୍ରଶସ୍ତ ହୋଇଛି। ଯଦି ସେମିତି ନହେଲା ତେବେ କଂଗ୍ରେସକୁ ଜବରଦସ୍ତ ଝଟକା ଲାଗିବ। ସେପଟେ ତାମିଲନାଡୁରେ ଡିଏମକେ-କଂଗ୍ରେସ ମେଣ୍ଟର ପଲା ଭାରିରହିଛି। ସର୍ଭେ ରିପୋର୍ଟ ବି ସେଇଆ କହୁଛି। ହେଲେ ଖେଳ ବିଗାଡ଼ିବାକୁ ବିଜୟଙ୍କ ସହ ମେଣ୍ଟ କରିବାକୁ ବିଜେପି ଯୋଜନା ଆରମ୍ଭ କରିଦେଇଛି। ପୂର୍ବରୁ ବିଜୟ ବିଜେପି ସହ ଯିବାକୁ ମନା କରି ଦେଇଥିଲେ। ଏବେ କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କ ପଛରେ ପଡ଼ିଯାଇଥିବାରୁ ତାଙ୍କ ନିଷ୍ପତ୍ତି ବଦଳିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଅବଶ୍ୟ କଂଗ୍ରେସ ବି ଟିଭିକେ ସହ ବୁଝାମଣା କରିବାକୁ ଯୋଜନା କରୁଛି।

ଆସାମରେ କଂଗ୍ରେସ ପାଇଁ ବି ଆହ୍ୱାନ ରହିଛି । ବଦ୍ରୁଦ୍ଦିନ ଆଜମଲଙ୍କ ଏଆଇୟୁଡ଼ିଏଫ ଏବେ କଂଗ୍ରେସ ସହ ନାହିଁ । କଂଗ୍ରେସ ଭୋଟ ସେହି ଦଳ ପାଖରେ ରହିଛି । ସେହିପରି ଆସାମ ଜାତୀୟ ପରିଷଦ, ଅଲ ପାର୍ଟି ହିଲ ଲିଡ଼ରସ କନଫେରେନ୍ସ ସହ କଂଗ୍ରେସ ବୁଝାମଣା କରୁଛି। ଗୌରବ ଗୋଗୋଇ ଏହି ରଣନୀତି କରି ନିଜ ବାପାଙ୍କ ଭଳି ପୁଣି କଂଗ୍ରେସକୁ କ୍ଷମତାର ସ୍ୱାଦ ଚଖାଇପାରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଖୋର୍ଦ୍ଧା ବିଜେଡ଼ି

# ଯିଏ ଯାହା ବାଟରେ

ସରକାରୀ ମାନଚିତ୍ରରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଗୋଟିଏ ଜିଲ୍ଲା ହୋଇଥିଲେବି ରାଜନୀତିକ ମାନଚିତ୍ରରେ ଏହା ୨ଟି ଜିଲ୍ଲା। ହେଲେ ଭୁବନେଶ୍ୱର ଜିଲ୍ଲା ପ୍ରତି ନବୀନ ବାବୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଖୋର୍ଦ୍ଧା ଜିଲ୍ଲା ପ୍ରତି ଦେଉଥିବା ମନେ ହେଉନାହିଁ। ନିର୍ବାଚନ ସରିବାର ଦୁଇବର୍ଷ ହେବାକୁ ବସିଲାଣି, ହେଲେ ଖୋର୍ଦ୍ଧା ବିଜେଡ଼ି ସଭାପତି କିଏ ହେବେ ତାହା ସ୍ଥିର ହୋଇପାରୁନାହିଁ। ଫଳରେ ବିଜେଡ଼ି ସଂଗଠନ ଏବେ ଯିଏ ଯାହା ବାଟରେ ଭଳି ପ୍ରତୀୟମାନ ହେଉଛି। ବିଧାୟକ ବା ବିଧାୟକ ପ୍ରାର୍ଥୀମାନେ କେବଳ ନିଜସ୍ୱ ସଂଗଠନ ଉପରେ ହିଁ ଗୁରୁତ୍ୱାରୋପ କରୁଛନ୍ତି। ଫଳରେ ଦଳୀୟ ସାଂଗଠନିକ କାର୍ଯ୍ୟ ଯେଭଳି ତ୍ୱରାନ୍ୱିତ ହେବାକଥା ସେଭଳି ହୋଇପାରୁନାହିଁ। ଜଟଣୀରେ ବିଭୂତି ବଳବନ୍ତରାୟ ବିଧାୟକ ହୋଇଛନ୍ତି। କିନ୍ତୁ ଉଭୟ କଂଗ୍ରେସ ଓ ବିଜେପି ଜଟଣୀକୁ ଫୋକସ କରୁଥିବାରୁ ବିଭୂତି ଅକଳରେ ପଡ଼ି ଯାଇଛନ୍ତି। ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଏବେ ପଞ୍ଚାୟତମାନଙ୍କରେ ଅପରେସନ୍ ଲୋଟସ ଆରମ୍ଭ କରିଦେଇଛନ୍ତି। ସେହିପରି ଖୋର୍ଦ୍ଧାରେ ରାଜେନ୍ଦ୍ର ସାହୁ ଏବେ ସାଂଗଠନିକ କାର୍ଯ୍ୟ ଜୋରଦାର କରିଛନ୍ତି। ପ୍ରଶାନ୍ତ ଜଗଦ୍ଦେବଙ୍କ ଠାରୁ ପରାଜୟର ବଦଳା ନେବା ପାଇଁ ସେ ଅଣ୍ଟା ଭିଡ଼ିଛନ୍ତି। ଅନୁରୂପ ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ନୂଆ ପୁରୁଣା ବିଜେଡ଼ି କର୍ମୀଙ୍କୁ ଏକାଠି କରି ଆଗକୁ ବଢୁଛନ୍ତି। ତେବେ ସେଠାରେ ଗଣେଶ ଜଗଦ୍ଦେବ ପୁରୁଣା ବିଜେଡ଼ି କର୍ମୀଙ୍କୁ ବିଜେପିରେ ଭର୍ତ୍ତି କରିବାକୁ ଯୋଜନା କରୁଛନ୍ତି। ଅବଶ୍ୟ ଏବେ ଗଣେଶଙ୍କୁ ବେଗୁନିଆ ମନା ହୋଇଥିବାରୁ ସେ ନୀରବ ରହିଥିବା ଦେଖିବାକୁ ମିଳୁଛି। ଗାଏମୋଟ୍ ଦେଖିଲେ ବେଗୁନିଆ ଓ ଖୋର୍ଦ୍ଧାରେ କିଛି ବିଜେଡ଼ି ନେତା ଏପଟେ ଡୁବି, ସେପଟେ ତାବଲା ନ୍ୟାୟରେ, ବିଜେଡ଼ି ଓ ବିଜେପି ସହ ସମ୍ପର୍କରେ ରହିଛନ୍ତି । ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ହଠାତ୍ ଦି ତିନିମାସ ଗାଏବ ହୋଇ ମୁମ୍ବାଇ ଚାଲି ଯାଇଥିଲେ। ଏବେ ସେ ପୁଣି ଟ୍ରାକକୁ ଫେରି ସଂଗଠନ ଆରମ୍ଭ କରିଦେଇଛନ୍ତି। ଜୟଦେବ କଥା ତ ସାରା ଓଡ଼ିଶା ଜାଣିଲା। ବିଜେଡ଼ି ବିଧାୟକ ନବକିଶୋର ମଲ୍ଲିକ କ୍ରସ୍ ଭୋଟିଂ କରିଛନ୍ତି। ସେଠାକାର ନେତା, ବୁଟୁ ପାତ୍ର ଓ ଚନ୍ଦନ ପାତ୍ରଙ୍କ ମତିଗତି ଠିକ୍ ନାହିଁ। ତାଙ୍କ ପ୍ରରୋଚନାରେ ହିଁ ନବ କ୍ରସଭୋଟିଂ କରିଥିବା ଚର୍ଚ୍ଚା ହେଉଛି। ଚିଲିକାରେ ଏବେ କ'ଣ ଚାଲିଛି କିଛି ବୁଝା ପଡୁନାହିଁ। ସାଂସଦ ମାନସ ମଙ୍ଗରାଜ ଆଉ ସଂଗଠନ କ୍ଷେତ୍ରରେ ମୁଣ୍ଡ ଖେଳାଉନାହାନ୍ତି। ସେପଟେ ରଘୁନାଥ ସାହୁ ଆଗଭଳି ଚଳଚଞ୍ଚଳ ନାହାନ୍ତି। ପୃଥ୍ୱୀରାଜ ହରିଚନ୍ଦନ ମନ୍ତ୍ରୀ ହେବା ପରେ ଚିଲିକାରେ ବିଜେପିର ଶକ୍ତି ବଢୁଥିବା ଲକ୍ଷ୍ୟ କରାଯାଉଛି। ବିଜେଡ଼ି ଜିଲ୍ଲା ସଭାପତି ଚୟନ ସହ ନୂଆ ଟିମ୍ ଗଠନ କଲେ ସଂଗଠନ ଜୋରଦାର ହୋଇପାରନ୍ତା। ପଦପଦବୀ ପାଇ କିଛି ନେତା ସନ୍ତୁଷ୍ଟ ହୋଇଯାଆନ୍ତେ। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଛି। କିନ୍ତୁ ଏକଦା ବିଜେଡ଼ିର ଗଡ଼ ଥିବା ଖୋର୍ଦ୍ଧାକୁ ନବୀନ ବାବୁ ଅବହେଳା କରୁଥିବାରୁ ଦଳୀୟ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ।

ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ


# ଖୁସିରେ କୁରୁଳୁଛନ୍ତି ଦେବାଶିଷ



ଦେବାଶିଷ ପଟ୍ଟନାୟକ ହେଉଛନ୍ତି କଂଗ୍ରେସର ଜଣେ ଆଗଧାଡ଼ିର ନେତା। ବାଙ୍କୀରୁ ସେ ଥରେ ଜିଣି ବହୁବାର ହାରିଥିଲେବି, ଦିଲ୍ଲୀରେ ତାଙ୍କର ଢେର କାଟତି ରହିଛି। ସେ ନଚାହିଁଲେ ତାଙ୍କ କଂଗ୍ରେସ ଟିକେଟ୍ କଟିବାର ଚାନ୍ସ ନାହିଁ। ମଝିରେ ଅବଶ୍ୟ ବାଙ୍କୀରେ ଜିତିହେବନି ବୋଲି ଭାବି ସେ ବେଗୁନିଆ ମୁହାଁଇଥିଲେ। କିନ୍ତୁ ତାଙ୍କର ସେ ଅଙ୍କ ଗୋଳମାଳ ହୋଇଯାଇଥିଲା। ହେଲେ ଏବେ ବାଙ୍କୀ ବିଜେଡ଼ି ଗୋଳିଆ ହୋଇଯାଇଥିବାରୁ ଫାଇଦା ଉଠାଇବାକୁ ଦେବାଶିଷ ଆତୁର ହୋଇ ପଡିଛନ୍ତି। ଏବେ ତ୍ରିପାଠୀ ପରିବାରକୁ ବିଜେଡ଼ି ରାଜନୀତିରୁ ଦୂରେଇ ଦେଇଛନ୍ତି ନବୀନ ବାବୁ। ପ୍ରଥମେ ବାପା ଓ ପରେ ପୁଅଙ୍କୁ ଦଳରୁ ବାହାର କରିଦେଇଛନ୍ତି । ପ୍ରଭାତ-ଦେବୀଙ୍କ ପାଇଁ ଦେବାଶିଷ ବିଧାନସଭା ମାଟି ମାଡ଼ି ପାରୁନଥିଲେ। ବାଙ୍କୀରେ ତାଙ୍କର କୋଡ଼ିଏ ପଚିଶ ହଜାର ପକେଟ୍ ଭୋଟ୍ ବି ରହିଛି। ବାଙ୍କୀ ବିଜେଡ଼ି ଶୂନ୍ୟସ୍ଥାନରେ ନିଜ ନାଁ ଭର୍ତ୍ତି କରିବାକୁ ଦେବାଶିଷ ଏବେ ଅଙ୍କକଷା ଆରମ୍ଭ କରିଦେଇଛନ୍ତି । ଯଦି ବିଜେଡ଼ି ଟିକେଟ୍ ମିଳିଯାଏ ତେବେ ତାଙ୍କ ପକେଟ ଭୋଟ ମିଶିଗଲେ ସେ ଜିତିପାରିବେ ବୋଲି କାଲୁକେଲେଟର ଧରି ହିସାବ କରି ସାରିଲେଣି। ଏମିତିବି ବିଜେଡ଼ି-କଂଗ୍ରେସ ମେଣ୍ଟ ହେଲେବି ସେ ଫାଇଦାରେ ରହିବେ। ଖାସ୍ ସେଇଥିପାଇଁ ଦେବୀଙ୍କ କ୍ରସଭୋଟିଂକୁ ନେଇ ସେ ସଭା କରି ବର୍ଷିଛନ୍ତି । ଦେବୀଙ୍କ ବିରୋଧରେ ବିଜେଡ଼ି ସଭା କରିବାରେ କିଛି ଅସୁବିଧା ନାହିଁ । କାହିଁକିନା ସେ ତାଙ୍କ ଦଳକୁ ଧୋକା ଦେଇଛନ୍ତି । କିନ୍ତୁ କଂଗ୍ରେସ କାହିଁକି ସଭା କରିବ ? ଅନ୍ୟ କେଉଁ ନିର୍ବାଚନମଣ୍ଡଳୀରେ ତ ଏମିତି ହୋଇନି । ଦେବାଶିଷ ତ ମିଡ଼ିଆକୁ ବାଇଟ୍ ଦେଇ ନିନ୍ଦା କରିପାରିଥା'ନ୍ତେ । ଏହି ସଭା ପଛରେ ତାଙ୍କର ବଡ଼ ଉଦ୍ଦେଶ୍ୟ ରହିଛି। ତାଙ୍କର ରାଜନୀତିକ ରାସ୍ତାରେ ବଡ଼ କଣ୍ଟା ହଟି ଯାଇଥିବାରୁ ସେ ଖୁସିରେ କୁରୁଳି ଉଠିଛନ୍ତି। ଆଗାମୀ ଦିନରେ ସେ ଶଙ୍ଖ ଫୁଙ୍କିଲେ କେହି ଚକିତ ହେବାର ବି ନାହିଁ ।

# ପ୍ରତାପ ନନାଙ୍କ ମନଦୁଃଖ

## ରବୀନ୍ଦ୍ରଙ୍କ ପୋଲ୍ ଖୋଲିଦେଲେ



ଏକଦା ବାଲେଶ୍ୱରରେ ବିଜେପିର ଦୁଇ ଟାଣୁଆ ନେତା କହିଲେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଖାରବେଳ ସ୍ୱାଇଁଙ୍କୁ ବୁଝାଉଥିଲା । ଖାରବେଳ ବାବୁ ତ ବାରବାର ନିଲମ୍ବିତ ହୋଇ କୋଣଠେସା ହୋଇଯାଇଛନ୍ତି । ତେଣୁ ପ୍ରତାପ ହିଁ ବାଲେଶ୍ୱରର ବଡ଼ ଚେହେରା । ମୋଦିବି ତାଙ୍କୁ ପୁରୁଣା ଘୋଡ଼ା କହି ପ୍ରଶଂସା କରନ୍ତି । ନିଜ ମନ୍ତ୍ରୀମଣ୍ଡଳରେ ବି ସାମିଲ୍ କରିଥିଲେ । ନିରଳସ ଜୀବନପାଇଁ ଜାତୀୟ ଗଣମାଧ୍ୟମରେ ବି ସେ ଚର୍ଚ୍ଚିତ ଥିଲେ । ହେଲେ ଏବେ ରବୀନ୍ଦ୍ର ଜେନାଙ୍କୁ ବିଜେପିକୁ ନେବାବେଳେ ପ୍ରତାପଙ୍କ ସହ କେହି ପଦିଏ ବି ଆଲୋଚନା କରିନଥିଲେ । ଯାହାକି ତାଙ୍କୁ ଆଘାତ ଦେଇଛି । ରବୀନ୍ଦ୍ର ଜେନା, ବିଜେପିରେ ମିଶି ଏବେ ରାଜନୀତିକ ଭବିଷ୍ୟତ ସଜାଡ଼ିବାକୁ ଯୋଜନା କରୁଥିବାବେଳେ ପ୍ରତାପ କିନ୍ତୁ ଏନେଇ ଅସନ୍ତୋଷ ଝାଡ଼ିଛନ୍ତି । ଏହାଦ୍ୱାରା ଦଳ ଲାଭବାନ ହେବବୋଲି ସେ ଭାବିପାରୁନାହାନ୍ତି । ସେ କହିଛନ୍ତି, ସମୁଦ୍ରରେ ବାଲଟିଏ ପାଣି ମିଶିଲେ ସମୁଦ୍ର ଉଛୁଳି ଯିବନି କି ବାଲଟିଏ ପାଣି କମିଗଲେ ଶୁଖିଯିବନି । ସମୁଦ୍ରର ଶୁଦ୍ଧତା ରକ୍ଷା କରିବା ଆମର ଆବଶ୍ୟକତା।

ପ୍ରତାପ କହିଛନ୍ତିଯେ, ରବୀନ୍ଦ୍ର ଜେନା ବିଜେପିକୁ ଆସିବା ପାଇଁ ବହୁପୂର୍ବରୁ ଚାହୁଁଥିଲେ। ରାଜ୍ୟ ସଭାପତି ଏନେଇ ମୋତେ ପଚାରିଥିଲେ । ସେ ଆସିଲେ, ତାଙ୍କ ସ୍ତ୍ରୀଙ୍କୁ ଟିକେଟ୍ ଦିଆଯିବ ବୋଲି ପଚାରିଥିଲେ । ମୁଁ ହଁ କହିଥିଲି । ପରେ ରବୀନ୍ଦ୍ର ମୋତେ କହିଥିଲେ, ମୁଁ ଦଳରେ ମିଶିବିନି। ଆପଣ ବସ୍ତାରେ ସାହାଯ୍ୟ କଲେ ମୁଁ ବାଲେଶ୍ୱରର ସବୁଆଡ଼େ ସାହାଯ୍ୟ କରିବି । ମୁଁ କହିଥିଲି, ବସ୍ତାରେ ମୁଁ ଦଳୀୟ ପ୍ରାର୍ଥୀଙ୍କୁ ଛୁରୀ ମାରି ପାରିବିନି । ପରେ ଦେଖା କରିବାକୁ ଚାହିଁଥିଲେବି ମୁଁ ମନା କଲି । ଏବେ ସେ ବିଜେପିରେ ମିଶିଲେ । ସେ କେତେଦୂର ଦଳୀୟ ଲାଇନ୍‌ରେ କାମ କରିବେ ସେଇଟା ଆଗକୁ ଜଣାପଡ଼ିବ।

## କଟକ ବିଜେଡ଼ି ରାଜନୀତି

# ସୁବାସ ଏବେ 'ସିଂହ'



ମେୟର ସୁବାସ ସିଂ ଏବେ କଟକ ବିଜେଡ଼ି ରାଜନୀତିରେ ସତକୁ ସତ ସିଂହ ହୋଇଯାଇଛନ୍ତି । ଏମିତି ତ ସେ ଅଛନ୍ତି ଦଳର କୋଷାଧ୍ୟକ୍ଷ। ୬୨୫ କୋଟି ଟଙ୍କା ରକ୍ଷଣାବେକ୍ଷଣ ଦାୟିତ୍ୱ ତାଙ୍କର। ପାଣ୍ଡିଆନଙ୍କର ଅତି ଖାସ୍ ଲୋକ। ହେଲେ କଟକରେ ତହୁଁ ବଳି ତହୁଁ ବଳି ନେତା ଥିବାରୁ ସୁବାସଙ୍କ ବାସ କିନ୍ତୁ ଚହଟୁ ନଥିଲା। ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀଙ୍କ ଆଗରେ ସେ ଫିକା ପଡ଼ି ଯାଇଥିଲେ । ହେଲେ ୨୦୨୬ ତାଙ୍କ ପାଇଁ ଖୁସି ଆଣିଦେଇଛି। ଏମିତି ତ ଦେବାଶିଷ ବାବୁ ରାଜ୍ୟସଭା ସାଂସଦ ହୋଇଥିଲେବି ଆଗଭଳି ଖାତିର ନାହିଁ । ନବୀନ ବାବୁ ଆଉ ତାଙ୍କୁ ବାସି ପାଣିରେ ପଚାରୁନାହାନ୍ତି । ଏବେ ତ ପ୍ରଭାତ ବିଶ୍ୱାଳ ଆଉ ପ୍ରଭାତ ତ୍ରିପାଠୀଙ୍କ ସହ ତାଙ୍କ ବିଧାୟକ ପୁଅମାନେ ବି ଦଳରୁ ବିଦା ହୋଇ ସାରିଛନ୍ତି। ଆଜିକା ଦିନରେ କଟକର ଟାଣୁଆ ବିଜେଡ଼ି ନେତା କହିଲେ ସୁବାସ ସିଂଙ୍କୁ ହିଁ ବୁଝାଉଛି। ଅବଶ୍ୟ ସଂତୃପ୍ତ ମିଶ୍ରଙ୍କ ଆଗରେ ସେ କିଛି ନୁହଁନ୍ତି । କାହିଁକିନା ସେ ରାଜ୍ୟସଭା ସାଂସଦ ସହ ନବୀନ ବାବୁଙ୍କ ରାଜନୈତିକ ସଚିବ ଅଛନ୍ତି । ତେବେ ନିତିଦିନିଆ ବିଜେଡ଼ି ରାଜନୀତି ସଂତୃପ୍ତ ବୁଝିବାର ନଥିବାରୁ କଟକ ସହରରେ କେବଳ ସୁବାସଙ୍କ ରାଜ୍ ଚାଲିବ କହିଲେ ଅତୁକ୍ତି ହେବନାହିଁ।

## ବ୍ରାହ୍ମଣ ଘରେ ବନ୍ଧୁ ବାନ୍ଧିଲେ ବୋଲି

# ପୂର୍ବତନ ବିଧାୟକ ବାସନ୍ଦ...



ଆଦିବାସୀ ଇଲାକାରେ ଏବେବି ଜାତିଆଣ ସମାଜ, ପ୍ରଚଳିତ ଆଇନ୍ ଠାରୁ ଢ଼େର ଉର୍ଦ୍ଧ୍ୱରେ ରହିଛି । ସେ ଯେତେବଡ଼ ଲୋକ ହୁଅନ୍ତୁନା କାହିଁକି ସମାଜ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ । ଏମିତିକି ପୂର୍ବତନ ବିଧାୟକ ମଧ୍ୟ ବାଦ ପଡ଼ିନାହାନ୍ତି । ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଜୟପୁରର ଏକ ବ୍ରାହ୍ମଣ ପରିବାରରେ ଝିଅ ବାହାଘର କରିବାକୁ ଯାଉଛନ୍ତି । ଏହା ଜଣାପଡ଼ିବା ପରେ ନବରଙ୍ଗପୁର ଜିଲ୍ଲାର ୧୦ ବ୍ଲକର ଭତରା ସମାଜର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ବୈଠକ କରିଥିଲେ। ଅନ୍ୟ ଜାତିରେ ବିବାହ କରିବା ଭତରା ସମାଜର ନିୟମ ଉଲ୍ଲଂଘନ। ତେଣୁ ତାଙ୍କୁ ୧୨ ବର୍ଷ ପାଇଁ ସମାଜରୁ ବାସନ୍ଦ କରାଯାଇଛି। ଏହି ସମୟ ମଧ୍ୟରେ ସଦାଶିବଙ୍କ ପରିବାର ଲୋକଙ୍କ ସହ ସୁଖ, ଦୁଃଖ, ସାମାଜିକ କାର୍ଯ୍ୟକ୍ରମରେ ଭତରା ସମାଜର ଲୋକେ ଯୋଗଦେବେ ନାହିଁ । ଅବଶ୍ୟ ଏହା ନୂଆକଥା ନୁହେଁ, ପୂର୍ବରୁ ଭତରା ସମାଜ ଦ୍ୱାରା ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ ଓ ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ ବି ବାସନ୍ଦ ହୋଇଥିଲେ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS